THE BIPLABI PARIKRAMA

# ବିପ୍ଳବୀ ପରିକ୍ରମା

Email-biplabiparikrama@gmail.com
www.biplabiparikrama.org

RNI Regd. ODI ODI/2013/50740
Postal.Regd-BG/19/2024-26

Volume-13 ISSUE -07 | ବ୍ରହ୍ମପୁର Berhampur | ଜୁଲାଇ ୩୧ - ୨୦୨୬ July 31 -2026 | ଶୁକ୍ରବାର Friday | ୪ ପୃଷ୍ଠା 4 Page | ୫ ଟଙ୍କା ମାତ୍ର Rupees 5/- only

### ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର

# ୨୦ ଜିଲ୍ଲାର ୧୪୫୮ ଗାଁ ପ୍ରଭାବିତ

କଟକ/ଭୁବନେଶ୍ୱର, ୩୦।୭ : ରାଜ୍ୟରେ ଜାରି ରହିଛି ଲଗାଣ ବର୍ଷା। ଖାଲି ବର୍ଷା ନୁହେଁ ଏହା ପରବର୍ତ୍ତୀ ବନ୍ୟା ପରିସ୍ଥିତି ସ୍ଥିତିକୁ ଆହୁରି ବେହାଲ କରିଛି। ଅନେକ ଜିଲ୍ଲାରେ ଜଳବନ୍ଦୀ ପରସ୍ଥିତି ଉପୁଜିଥିବା ବେଳେ, ଲକ୍ଷାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେପଟେ ରାଜ୍ୟରେ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ଆହୁରି ୫ ଦିନ ଯାଏ ପ୍ରବଳ ବର୍ଷା ହେବା ନେଇ ଅନୁମାନ ରହିଛି। ଏମିତିରେ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ, ସ୍ଥିତି ଉପରେ ନଜର ରଖିଛି। ତେବେ ଏହାରି ମଧ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ବନ୍ୟାସ୍ଥିତି ନେଇ ପ୍ରତିକ୍ରିୟା ରଖିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ବର୍ତ୍ତମାନ ସୁଦ୍ଧା ଲଗାଣ ବର୍ଷା ଓ ବନ୍ୟାରେ ଓଡ଼ିଶାର୨୦ ଜିଲ୍ଲାର ପ୍ରାୟ ୧୧ ବ୍ଲକ୍ ପ୍ରଭାବିତ ହୋଇଛନ୍ତି। ସେହିଭଳି ୫୩୯ ପଞ୍ଚାୟତର ୧୪୫୮ ଗାଁ ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଛି। ବନ୍ୟାସ୍ଥିତିର ମୁକାବିଲା ସଂପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୧୪୫୮ ଗାଁ ପ୍ରଭାବିତ ହୋଇଛି। ୭ ଲକ୍ଷ ୫ ହଜାର ଲୋକେ ପ୍ରଭାବିତ ହୋଇଥିବା ବେଳେ, ୧ ଲକ୍ଷ ୮୯ ହଜାର ଲୋକଙ୍କୁ ସ୍ଥାନାନ୍ତର



କରାଯାଇଛି। ତେବେ ପ୍ରଭାବିତଙ୍କ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ, ୫୨୦ ରିଲିଫ୍ କେନ୍ଦ୍ର କରାଯାଇ ସେମାନଙ୍କୁ ରନ୍ଧା ଖାଦ୍ୟ ଓ ଅନ୍ୟାନ୍ୟା ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଉଛି।

ଆହୁରି ମଧ୍ୟ ବନ୍ୟାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୩୭୮.୧ ମେଟ୍ରିକ ଟନ୍ ଚାଉଳ ଏବଂ ୪୪.୫ ମେଟ୍ରିକ ଟନ୍ ଚୁଡ଼ା ଯୋଗାଇ ଦିଆଯାଇଛି। ୨୦ ଜାଗାରେ ପଲିଥିନ୍ ବଣ୍ଟନ ହୋଇଛି । ସାଢ଼େ ୪ କ୍ୱିଣ୍ଟାଲ ମେଟ୍ରିକ୍ ଟନ୍ ଗୋ ଖାଦ୍ୟ ବଣ୍ଟନ କରାଯାଇଛି । ମାଟି ନ ଶୁଖିବା ଯାଏଁ କିମ୍ବା ଲୋକମାନେ ନିଜ ଘରକୁ ସୁରକ୍ଷିତ ଭାବେ ନ ଫେରିବା ପର୍ଯ୍ୟନ୍ତ ଏହି ରିଲିଫ ସେଣ୍ଟରଗୁଡ଼ିକୁ ଚାଲୁ ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ମନ୍ତ୍ରୀ ଆହୁରି କହିଛନ୍ତି ହୀରାକୁଦରେ ଜଳସ୍ତର ୬୨୦ ପାର୍ କରିଛି। ତେଣୁ ହୀରାକୁଦ ଗେଟ୍ ଖୋଲିଲେ କଟକ ବନ୍ୟା ଦ୍ୱାରା ପ୍ରଭାବିତ ହେବ । ଏବେ କଟକ ମୁଣ୍ଡଳୀରେ ୯ ଲକ୍ଷ କ୍ୟୁସେକ ଜଳ ଆସିବାକୁ ଲାଗିଲାଣି। ମାତ୍ର ୨ ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି । ତେଣୁ ସତର୍କ ରହିବାକୁ କହିଛନ୍ତି ମନ୍ତ୍ରୀ। ସେହିଭଳି ନରାଜ ୱାର୍ଣ୍ଣିଂ ଲେବୁଲ ୨୫.୪୧ ଏବଂ ଡେଞ୍ଜର ଲେବେଲ ହେଉଛି ୨୬.୪୧ । ହେଲେ ଅପରାହ୍ନ ୨ ଟା ସୁଦ୍ଧା ୨୬.୩୬ ପର୍ଯ୍ୟନ୍ତ ପାଣି ପହଞ୍ଚିଛି । ଅର୍ଥାତ୍ ୱାର୍ଣ୍ଣିଂ ଲେବୁଲ ଅତିକ୍ରମ କରି ଡେଞ୍ଜର ଲେବେଲ ଆଡ଼କୁ ଅଗ୍ରସର ହେଉଛି । ଆଠଗଡ଼ ଓ ବଡ଼ମ୍ବାର ଅଧିକାରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି।

ମନ୍ତ୍ରୀ ଆହୁରି କହିଛନ୍ତି, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, କୁଶଭଦ୍ରା ଓ ସୁବର୍ଣ୍ଣରେଖା ଆଦି ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବିପଦ ସଙ୍କେତ ତଳେ ରହିଛି। ତେବେ ମନ୍ତ୍ରୀ କହିଛନ୍ତି ବନ୍ୟା ଯୋଗୁ ହଜାର ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। କିନ୍ତୁ ସରକାର ଏହାର ଭରଣ ପୋଷଣ କରିବେ ବୋଲି କହିଛନ୍ତି ମନ୍ତ୍ରୀ। ଏହା ସହ ବନ୍ୟା ପୂର୍ବରୁ ଲୋକଙ୍କୁ ସୁରକ୍ଷା ଦେବା ଉପରେ ସେମାନେ ଚେଷ୍ଟା କରିବେ ବୋଲି ମଧ୍ୟ କହିଛନ୍ତି ମନ୍ତ୍ରୀ।

## ହୀରାକୁଦ ଗେଟରୁ ଜଳ ନିଷ୍କାସନ

କଟକ, ୩୦/୭ (ଅନୁପମ ମିଡିଆ): ଗଭୀର ଅବପାତ ପ୍ରଭାବରେ ସାରା ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ମହାନଦୀର ଉପର ମୁଣ୍ଡରେ କ୍ରମାଗତ ବର୍ଷା ଫଳରେ ହୀରାକୁଦ ଗେଟକୁ ଖୋଲି ଦିଆଯାଇ ଜଳ ନିଷ୍କାସନ କରାଯାଇଛି । ମହାନଦୀ ଏବଂ ଏହାର ଶାଖା ନଦୀରେ ସାମାନ୍ୟ ବନ୍ୟା ଦେଖାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟାର ମୁକାବିଲା ପାଇଁ ସତର୍କ ରହିଛନ୍ତି । ଗୁରୁବାର ଦିନ ୨ଟା ସୁଦ୍ଧା ମୁଣ୍ଡଳୀ ୮ଲକ୍ଷ ୪୩ ହଜାର ୮୬ କିୟୁସେକ ଜଳ ପ୍ରବାହିତ ହେଉଛି । ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର ୬୧୯.୪୫ ରହିଛି । ମହାନଦୀ ବନ୍ୟାଜଳରେ ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମାଆ ଭଟ୍ଟାରିକାଙ୍କ ଗର୍ଭଗୃହକୁ ପଶିଲା ବନ୍ୟାଜଳ । ମାଆ ଭଟ୍ଟାରିକାଙ୍କୁ ସର ଘରକୁ ସ୍ଥାନାନ୍ତର କଲେ ସେବାୟତ । ମହାନଦୀର ଜଳସ୍ତର ବୃଦ୍ଧି ଯୋଗୁ ମନ୍ଦିର ଭିତରକୁ ପଶିଗଲା ପାଣି । ମାଆ ଭଟ୍ଟାରିକାଙ୍କର ଚଳନ୍ତି ପ୍ରତିମାକୁ ପୂଜକମାନେ ରତ୍ନଗିରି ପାହାଡ଼ ଉପରେ ଥିବା ସର ଘରକୁ ସ୍ଥାନାନ୍ତର କରିଛନ୍ତି ।

## ମହାନଦୀ: ଆଗାମୀ ୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର: ସାଳନ୍ଦୀ, ବୈତରଣୀ ଓ ଜଳକା ପରେ ଏବେ ମହାନଦୀରେ ଆସିବାକୁ ଯାଉଛି ମଧ୍ୟମ ଧରଣର ବନ୍ୟା। ମୁଣ୍ଡଳୀ ନିକଟରେ ୮ ଲକ୍ଷ ୨୮ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ମହାନଦୀର ବିଭିନ୍ନ ଶାଖା ନଦୀରେ ବନ୍ୟାଜଳ ପ୍ରବେଶ କରିବା ଆରମ୍ଭ ହୋଇଛି। ଏହାର ପ୍ରଭାବରେ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଟକର ବାଙ୍କୀ ଅଞ୍ଚଳ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବେଳେ ଅଭିଜ୍ଞ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବନ୍ୟା ସ୍ଥିତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ। ସେ କହିଛନ୍ତି ଯେ–ଆମର ଫୋକସ ମହାନଦୀ ଉପରେ। ହୀରାକୁଦରେ ୨ଟି ଗେଟ ଖୋଲିଛି। ୬୨୦ ଫୁଟ୍ ଜଳ ସ୍ତର ରହିଛି। ସେହିପରି ୮ ଲକ୍ଷ ୨୮ ହଜାର କ୍ୟୁସେକ୍ ଜଳ ମୁଣ୍ଡଳୀରେ ପ୍ରବାହିତ ହେଉଛି। ସାଳନ୍ଦୀ, ବୈତରଣୀ ଓ ଜଳକା ବନ୍ୟା ପରେ ମହାନଦୀରେ ବନ୍ୟା ଆସିବାକୁ ଯାଉଛି। ଏଥିପାଇଁ ଆମେ ପ୍ରସ୍ତୁତ। ମହାନଦୀର ଶାଖା ନଦୀରେ ବନ୍ୟା ଆସିବ। ପୁରୀ, ଜଗସିଂହପୁରର, କେନ୍ଦ୍ରାପଡା ପ୍ରଭାବିତ ହେବ। ଅଭିଜ୍ଞତା ଥିବା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଜଳବନ୍ଦୀ ସମସ୍ୟା ଆସିବ। ୨୪ ଘଣ୍ଟା ପାଇଁ ବନ୍ୟା ପରିସ୍ଥିତି ରହିବ। ହୀରାକୁଦ ଜଳସ୍ତର ବଢୁଛି। ତଳେ ବନ୍ୟା ଥିବାରୁ ଗେଟ ଖୋଲାଯାଇ ନାହିଁ। କିନ୍ତୁ ଆଉ ଦୁଇ ଫୁଟ୍ ଅର୍ଥାତ୍ ୬୨୨ ଫୁଟ୍ ଜଳସ୍ତର ଆମେ ରଖିପାରିବୁ। ଏହାପରେ ଖଇରମାଳ ପାଣି କମିବା ପରେ ଆମେ ହୀରାକୁଦ ଗେଟ ଖୋଲିବୁ।

### ମହାନଦୀ ଜଳ ବିବାଦ ନେଇ ବୈଠକ

## ଦୀପାବଳୀ ସୁଦ୍ଧା ସମାଧାନ



ଭୁବନେଶ୍ୱର: କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର.ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଭୟ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ମହାନଦୀ ଜଳବଣ୍ଟନ ଓ ପରିଚାଳନା ନେଇ ବୈଠକରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି।

ମହାନଦୀ ଜଳ ବିବାଦ ନେଇ ଦିଲ୍ଲୀରେ ଅନୁଷ୍ଠିତ ହୋଇଛି ଗୁରୁତ୍ୱପୂର୍ଣ୍ଣ ବୈଠକ । କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର.ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଭୟ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ମହାନଦୀ ଜଳବଣ୍ଟନ ଓ ପରିଚାଳନା ନେଇ ବୈଠକରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ଓଡ଼ିଶାର ଅଧିକାର, ଚାଷୀକୂଳଙ୍କ ଭବିଷ୍ୟତ ଏବଂ ରାଜ୍ୟର ଜଳସମ୍ପଦର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମର ପକ୍ଷ ଦୃଢ଼ତାର ସହ ଉପସ୍ଥାପନ କରାଯାଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଉଭୟ ରାଜ୍ୟ ମଧ୍ୟରେ ଗଠନମୂଳକ ଆଲୋଚନା, ପାରସ୍ପରିକ ସହଯୋଗ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଭିମୁଖ୍ୟ ମାଧ୍ୟମରେ ମହାନଦୀ ଜଳ ସମସ୍ୟାର ଏକ ସ୍ଥାୟୀ, ଆପୋଷ ଓ ସନ୍ତୋଷଜନକ ସମାଧାନ ବାହାରିବ ବୋଲି ଆଶାବାଦୀ ଅଛନ୍ତି ମୁଖ୍ୟମନ୍ତ୍ରୀ ।

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ସାମିଲ ହୋଇଥିଲେ। ତେବେ ଆସନ୍ତା ୩ ମାସ ଭିତରେ ଦୁଇ ରାଜ୍ୟ ମଧ୍ୟ ମହାନଦୀ ଜଳ ବଣ୍ଟନ, ପରିଚାଳନା ଓ ସୁରକ୍ଷାର ସମାଧାନ ବାହାରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଦୀପାବଳି ସୁଦ୍ଧା ସମାଧାନ ନେଇ ଉଭୟ ରାଜ୍ୟ ଆଶାବାଦୀ ଥିବା ବୈଠକ ପରେ ସ୍ପଷ୍ଟ ହୋଇଛି । ଉଚ୍ଚ ଶିକ୍ଷା ମନ୍ତ୍ରୀ ବନ୍ୟାଞ୍ଚଳକୁ ବୋଟରେ ଯାଉଥିବା ବେଳେ ଅଘଟଣ...ଓଲଟିପଡ଼ିଥିବା ଡଙ୍ଗାରୁ ଲୋକଙ୍କୁ ଉଦ୍ଧାର କଲେ ।

### ହିଟ୍ ଆଣ୍ଡ ରନ୍‌ରେ ଜୀବନ ଗଲା, ମିଳୁନି ନ୍ୟାୟ !

## ସୋଲାସିୟମ୍ ଫଣ୍ଡ ଥିଲେ ବି ମିଳୁନି ସହାୟତା

- କ୍ଷତିପୂରଣ ପାଇଁ ବର୍ଷ ବର୍ଷ ଅପେକ୍ଷାରେ ପୀଡ଼ିତ ପରିବାର
- ବିଭାଗୀୟ ସମନ୍ୱୟର ଅଭାବ ଓ ତଦନ୍ତରେ ବିଳମ୍ବ ମୁଖ୍ୟ କାରଣ

ଭୁବନେଶ୍ୱର, ୩୦/୦୭: ରାଜ୍ୟରେ ଦିନକୁ ଦିନ ବଢ଼ୁଛି 'ହିଟ୍ ଆଣ୍ଡ ରନ୍' ସଡ଼କ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଅନେକ ନିରୀହ ଲୋକ ପ୍ରାଣ ହରାଉଥିବା ବେଳେ ଅନେକ ଗୁରୁତର ଆହତ ହେଉଛନ୍ତି। ସରକାରଙ୍କ ପକ୍ଷରୁ ଏଭଳି ପୀଡ଼ିତଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ପାଇଁ ସୋଲାସିୟମ୍ ଫଣ୍ଡ ବ୍ୟବସ୍ଥା ରହିଥିଲେ ମଧ୍ୟ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବିଭାଗୀୟ ସମନ୍ୱୟର ଅଭାବ, ତଦନ୍ତ ପ୍ରକ୍ରିୟାରେ ଅସ୍ୱାଭାବିକ ବିଳମ୍ବ ଓ ପ୍ରଶାସନିକ ଜଟିଳତା ଯୋଗୁଁ ଶହ ଶହ ପରିବାର ଆଜିବି କ୍ଷତିପୂରଣ ପାଇଁ ଦ୍ୱାରେ ଦ୍ୱାରେ ବୁଲୁଛନ୍ତି। ସଡ଼କ ଦୁର୍ଘଟଣାରେ ନିଜର ପ୍ରିୟଜନଙ୍କୁ ହରାଇବାର ଦୁଃଖ ଯେତିକି ଗଭୀର, ତା'ଠାରୁ ଅଧିକ କଷ୍ଟଦାୟକ ହୋଇପଡ଼ିଛି ସରକାରୀ ସହାୟତା ପାଇଁ ବର୍ଷ ବର୍ଷ ଅପେକ୍ଷା କରିବା। ସରକାରଙ୍କ ନିୟମ ଅନୁଯାୟୀ ହିଟ୍ ଆଣ୍ଡ ରନ୍ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ସହାୟତା ମିଳିବାର ବ୍ୟବସ୍ଥା ଥିଲେ ମଧ୍ୟ ଅନେକ ଆବେଦନ ବର୍ଷ ବର୍ଷ ଧରି ଫାଇଲରେ ଅଟକି ରହିଛି। ମାଲକାନଗିରି ଜିଲ୍ଲାର ଲଚୁ ମୁଚିକାଙ୍କ କାହାଣୀ ଏହି ବ୍ୟବସ୍ଥାର ନଗ୍ନ ଚିତ୍ରକୁ ସାମ୍ନାକୁ ଆଣିଛି। ପ୍ରାୟ ଦେଢ଼ ବର୍ଷ ପୂର୍ବେ ଅଜଣା ଗାଡ଼ି ଧକ୍କାରେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ପରିବାର ପକ୍ଷରୁ ନିୟମ ଅନୁଯାୟୀ ସୋଲାସିୟମ୍ ଫଣ୍ଡ ପାଇଁ ଆବେଦନ କରାଯାଇଥିଲେ ମଧ୍ୟ ଏଯାଏଁ କୌଣସି ସହାୟତା ମିଳିନାହିଁ। ତଦନ୍ତ ରିପୋର୍ଟ ସମ୍ପୂର୍ଣ୍ଣ ନହେବାରୁ ତାଙ୍କ ଫାଇଲ ଏବେ ବି ବିଚାରାଧୀନ ରହିଛି। ସେହିପରି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ର ସାନଡାଇଭଟା ଗାଁର ସବାସେନ ଭତରାଙ୍କ ମୃତ୍ୟୁ ମଧ୍ୟ ଏକ ହିଟ୍ ଆଣ୍ଡ ରନ୍ ଦୁର୍ଘଟଣାରେ ଘଟିଥିଲା। ତାଙ୍କ ପରିବାର ସରକାରୀ ସହାୟତା ପାଇଁ ଆବେଦନ କରିଥିଲେ, କିନ୍ତୁ ପୋଲିସ, ପରିବହନ ବିଭାଗ ଓ ହସ୍ପିଟାଲ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଆଜିବି କ୍ଷତିପୂରଣ ପାଇପାରିନାହାନ୍ତି। ଏଭଳି ଅନେକ ଘଟଣା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦେଖିବାକୁ ମିଳୁଛି। ସଡ଼କ ସୁରକ୍ଷା ବିଶେଷଜ୍ଞଙ୍କ ମତରେ, ସମସ୍ୟାର ମୂଳ କାରଣ ହେଉଛି ପ୍ରଶାସନିକ ସମନ୍ୱୟର ଅଭାବ। ପୂର୍ବରୁ ହିଟ୍ ଆଣ୍ଡ ରନ୍ ମାମଲାର ତଦନ୍ତ ରିପୋର୍ଟ ପୋଲିସ ପ୍ରସ୍ତୁତ କରୁଥିଲା। କିନ୍ତୁ ନିୟମରେ ପରିବର୍ତ୍ତନ ପରେ ଏହି ଦାୟିତ୍ୱ ଉପଜିଲ୍ଲାପାଳ ଙ୍କୁ ଦିଆଯାଇଛି। ସେମାନଙ୍କୁ ପୋଲିସ, , ହସ୍ପିଟାଲ ଓ ଅନ୍ୟାନ୍ୟ ବିଭାଗରୁ ସମସ୍ତ ତଥ୍ୟ ସଂଗ୍ରହ କରି ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିବାକୁ ପଡ଼ୁଛି। ଏହି ସମନ୍ୱୟ ପ୍ରକ୍ରିୟାରେ ବିଳମ୍ବ ହେବାରୁ କ୍ଷତିପୂରଣ ମଞ୍ଜୁରି ମଧ୍ୟ ବିଳମ୍ବିତ ହେଉଛି।ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୧୮ ମସିହାରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ସୋଲାସିୟମ୍ ଫଣ୍ଡ ଗଠନ କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ଅଜଣା ଗାଡ଼ି ଧକ୍କାରେ ମୃତାହତଙ୍କ ପରିବାରକୁ ଶୀଘ୍ର ଆର୍ଥିକ ସହାୟତା ପହଞ୍ଚାଇବା। ୨୦୨୧ ଜାନୁଆରୀ ସୁଦ୍ଧା ୧୧୮ଟି ପରିବାର ଏହି ଫଣ୍ଡରୁ ସହାୟତା ପାଇଥିବା ବେଳେ, ପରବର୍ତ୍ତୀ ସମୟରେ ପ୍ରକ୍ରିୟା ଆଶାନୁରୂପ ଗତି ପାଇନାହିଁ। ୨୦୨୩ରେ ନିୟମକୁ ସରଳ କରିବା ପାଇଁ ପରିବର୍ତ୍ତନ ଅଣାଯାଇଥିଲେ ମଧ୍ୟ ଭୂମିସ୍ତରରେ ସେହି ସୁଫଳ ଦେଖିବାକୁ ମିଳୁନାହିଁ।ସୂଚନା ଅନୁଯାୟୀ, ରାଜ୍ୟରେ ଘଟୁଥିବା ମୋଟ ସଡ଼କ ଦୁର୍ଘଟଣାର ପ୍ରାୟ ୨୦ ପ୍ରତିଶତ ହେଉଛି ହିଟ୍ ଆଣ୍ଡ ରନ୍ ଘଟଣା। ଭୁବନେଶ୍ୱରର ଶାସ୍ତ୍ରୀନଗର ଦୁର୍ଘଟଣା ହେଉ କି ପାତ୍ରପଡ଼ା କାର୍ ଦୁର୍ଘଟଣା, ଏଭଳି ଘଟଣା ବାରମ୍ବାର ସାମ୍ନାକୁ ଆସୁଛି। ଦୁର୍ଘଟଣା ପରେ ଅଭିଯୁକ୍ତ ଗାଡ଼ି ଫେରାର ହୋଇଯିବାରୁ ତଦନ୍ତ ଅଧିକ ଜଟିଳ ହୋଇପଡ଼ୁଛି ଏବଂ ପୀଡ଼ିତ ପରିବାରଙ୍କୁ ନ୍ୟାୟ ମିଳିବାରେ ବିଳମ୍ବ ଘଟୁଛି।ଏହି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ପୂର୍ବରୁ ପୋଲିସ ହାତରେ ଏହି କ୍ଷମତା ଥିବା ବେଳେ ଏବେ ଉପଜିଲ୍ଲାପାଳଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। କାମର ଚାପ ଥିଲେ ମଧ୍ୟ ଏଣିକି ଉପଜିଲ୍ଲାପାଳମାନେ ଏହି ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଅଧିକ ସମୟ କାମ କରିବେ ଏବଂ ପୀଡ଼ିତ ପରିବାରଙ୍କୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱାସନ ଦେଇଛନ୍ତି। ହିଟ୍ ଆଣ୍ଡ ରନ୍ ଦୁର୍ଘଟଣାରେ ପ୍ରିୟଜନଙ୍କୁ ହରାଇଥିବା ପରିବାର ପାଇଁ ସୋଲାସିୟମ୍ ଫଣ୍ଡ କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ସରକାରଙ୍କ ସାମାଜିକ ଦାୟିତ୍ୱର ପ୍ରତୀକ। ତେଣୁ ତଦନ୍ତ ପ୍ରକ୍ରିୟାକୁ ସମୟବଦ୍ଧ କରିବା, ବିଭିନ୍ନ ବିଭାଗ ମଧ୍ୟରେ ଡିଜିଟାଲ୍ ସମନ୍ୱୟ ବଢ଼ାଇବା ଏବଂ କ୍ଷତିପୂରଣ ବଣ୍ଟନରେ ସ୍ୱଚ୍ଛତା ଆଣିବା ଏବେ ସମୟର ଦାବି। ନଚେତ୍ ଦୁର୍ଘଟଣାର ଦୁଃଖ ସହ ସରକାରୀ ଅବହେଳାର ଯନ୍ତ୍ରଣା ମଧ୍ୟ ପୀଡ଼ିତ ପରିବାରଙ୍କୁ ଦୀର୍ଘଦିନ ଧରି ଭୋଗିବାକୁ ପଡ଼ିବ।

## ବନ୍ୟାଞ୍ଚଳ ପରିଦର୍ଶନ ବେଳେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ବୋଟ୍ ଅଘଟଣ

ଭୁବନେଶ୍ୱର: ଭଦ୍ରକର ବନ୍ୟାଞ୍ଚଳରେ ପରିଦର୍ଶନ ବେଳେ ଏକ ବଡ଼ ଅଘଟଣ ଘଟିବାରୁ ଅଳ୍ପକେ ବର୍ତ୍ତି ଯାଇଛି । ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ପରିଦର୍ଶନ କରିବା ପାଇଁ ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ ଅଧୀନ ବୋଡ଼କ ପଞ୍ଚାୟତରୁ ଓରାଳୀ ଗ୍ରାମକୁ ବୋଟରେ ଯାଉଥିଲେ । ବୋଟରେ ମନ୍ତ୍ରୀଙ୍କ ସହ ପ୍ରାୟ ୧୨ରୁ ଅଧିକ ଲୋକ ଥିଲେ । କିଛି ବାଟ ଯିବା ପରେ ବର୍ଷା ସାଙ୍ଗକୁ ରେବ ନଦୀର ପ୍ରୋଖର ସ୍ରୋତରେ ବୋଟଟି ନିୟନ୍ତ୍ରଣ ହରାଇ ଏପରି ଏକ ଦୁର୍ଘଟଣା ଘଟିଛି।ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଥିବା ବେଳେ ପଖରେ ଥିବା ଏକ ଗଛ ଓ ମାଛଧରା ଜାଲ ଦ୍ୱାରା ବୋଟଟି ଅଟକିଯାଇଥିଲା । ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଏହି ସମୟରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଧୈର୍ଯ୍ୟ ଓ ସାହସର ପରିଚୟ ଦେଇ ବୋଟରୁ ଓହ୍ଲାଇ ବୋଟକୁ ଧରି ସ୍ଥିର କରିବାରେ ସହଯୋଗ କରିଥିଲେ । ପରେ ସ୍ଥାନୀୟ ଲୋକ ଓ ଉଦ୍ଧାରକାରୀ ଦଳଙ୍କ ସହଯୋଗରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ କୂଳକୁ ଆଣାଯାଇଥିଲା ।ଏହି ଘଟଣା ପରେ ସ୍ଥାନୀୟ ଲୋକେ ମନ୍ତ୍ରୀଙ୍କ ଉପସ୍ଥିତ ବୁଦ୍ଧି ଓ ସାହସକୁ ପ୍ରଶଂସା କରିଥିଲେ । ତଥାପି ବନ୍ୟା ବିପଦ ସମୟରେ ସତର୍କତା, ତୁରନ୍ତ ପଦକ୍ଷେପ ଓ ପରସ୍ପର ସହଯୋଗ କିପରି ଜୀବନ ବଞ୍ଚାଇପାରେ, ଏହି ଘଟଣା ତାହାର ଏକ ଉଦାହରଣ ଭାବେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଅତ୍ୟାବଶ୍ୟକ କ୍ଷେତ୍ରରେ ପେଲେଟ୍ ଗନ୍ ବ୍ୟବହାର କରାଯାଇପାରିବ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୩୦।୭: ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ସମୟରେ ପୁଲିସ ପେଲେଟ୍ ଗନ୍ ବ୍ୟବହାର କରିପାରିବ, କିନ୍ତୁ ତାହା କେବଳ ଅତ୍ୟନ୍ତ ଅସାଧାରଣ ପରିସ୍ଥିତିରେ ହେବା ଉଚିତ ବୋଲି ସୁପ୍ରିମ୍‌କୋର୍ଟ ଗୁରୁବାର ମନ୍ତବ୍ୟ ଦେଇଛନ୍ତି । ଜନ୍ତରମନ୍ତରରେ ନିଟ୍ ପେପର ଲିକ୍ ପ୍ରତିବାଦ ସମୟରେ ପେଲେଟ୍ ଗନ୍ ବ୍ୟବହାରକୁ ନେଇ ହୋଇଥିବା ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍)ର ଗୁଳିଗୋଳା ବ୍ୟବହାର ସମ୍ପର୍କିତ ସମସ୍ତ ରେକର୍ଡ ସଂରକ୍ଷଣ କରିବାକୁ କହିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ବିଚାରପତି ଭି. ମୋହନା ଏହି ମାମଲାର ଶୁଣାଣି କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିରେ ଧାତବ ପେଲେଟ୍ ଗନ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିବାକୁ ଦାବି କରାଯାଇଥିଲା । ଏହାର ଶୁଣାଣି ବେଳେ ଅଦାଲତ ସ୍ପଷ୍ଟ କରିଥିଲେ ଯେ,



ପେଲେଟ୍ ଗନ୍ ବ୍ୟବହାରକୁ ସାଧାରଣ ପ୍ରକ୍ରିୟା ଭାବେ ଗ୍ରହଣ କରାଯାଇପାରିବ ନାହିଁ, ଏହା କେବଳ ବିରଳ ଓ ଅତ୍ୟାବଶ୍ୟକ ପରିସ୍ଥିତିରେ ସୀମିତ ରହିବା ଉଚିତ । ଅଦାଲତ ଜନ୍ତରମନ୍ତରର ପ୍ରତିବାଦ ସମୟରେ ଆର୍‌ଏଏଫ୍ ଦ୍ୱାରା କେତେ ପରିମାଣର ଗୁଳିଗୋଳା ବ୍ୟବହାର କରାଯାଇଥିଲା ତାହାର ରେକର୍ଡ ସୁରକ୍ଷିତ ରଖିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ବେଳେ ଏହି ତଥ୍ୟ ଯାଞ୍ଚ କରି ପେଲେଟ୍ ଗନ୍ ବ୍ୟବହାରର ପରିସ୍ଥିତି ଓ ଆବଶ୍ୟକତାକୁ ଅଦାଲତ ବିଚାର କରିବେ ।

### ▶ ତେଲ ଦର ବୃଦ୍ଧିରେ ସରକାରଙ୍କ ବଢ଼ିଲା ଚିନ୍ତା

## ଅର୍ଥନୀତି ଉପରେ ପଡ଼ିପାରେ ଗଭୀର ପ୍ରଭାବ : ଅର୍ଥ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୩୦/୦୭: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ଲଗାତାର ବୃଦ୍ଧି ଭାରତର ଅର୍ଥନୀତି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି। ବିଶେଷକରି ଗଲ୍ଫ ଅଞ୍ଚଳରେ ବଢ଼ୁଥିବା ଭୂ-ରାଜନୈତିକ ତିକ୍ତତା ଓ ତୈଳ ଯୋଗାଣକୁ ନେଇ ଅନିଶ୍ଚିତତା ମଧ୍ୟରେ ଦର ଉଚ୍ଚ ସ୍ତରରେ ରହିବାର ସମ୍ଭାବନା ଦେଖାଦେଇଛି। ଏଭଳି ପରିସ୍ଥିତି ଦୀର୍ଘ ସମୟ ଧରି ଜାରି ରହିଲେ ଦେଶର ରାଜକୋଷୀୟ ଘାଟତି, ଚଳିତ ଖାତା ଘାଟତି ଏବଂ ମୁଦ୍ରାସ୍ଫୀତି ଉପରେ ଗଭୀର ପ୍ରଭାବ ପଡ଼ିପାରେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ତାହାର ଜୁଲାଇ ମାସର ଅର୍ଥନୈତିକ ସମୀକ୍ଷାରେ ସତର୍କ କରିଛି। ଅର୍ଥ ମନ୍ତ୍ରଣାଳୟର କହିବାନୁସାରେ, ଭାରତ ନିଜର ପ୍ରାୟ ୮୫ ପ୍ରତିଶତରୁ ଅଧିକ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରିଥାଏ। ଏହି କାରଣରୁ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧିର ସିଧାସଳଖ ପ୍ରଭାବ ଭାରତର ଆମଦାନୀ ବିଲ୍ ଉପରେ ପଡ଼ିଥାଏ। ଆମଦାନୀ ଖର୍ଚ୍ଚ ବଢ଼ିଲେ ବୈଦେଶିକ ମୁଦ୍ରା ଉପରେ ଚାପ ବଢ଼ିବା ସହ ଟଙ୍କାର ମୂଲ୍ୟ ମଧ୍ୟ ପ୍ରଭାବିତ ହୋଇପାରେ। ଏହା ଫଳରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଇ ଦୈନନ୍ଦିନ ଜୀବନର ଅନେକ ଜରୁରୀ ସାମଗ୍ରୀର ଦାମ ବଢ଼ିବାର ଆଶଙ୍କା ରହିଛି। ସମୀକ୍ଷାରେ କୁହାଯାଇଛି ଯେ, ଗଲ୍ଫ ଅଞ୍ଚଳରେ ଚାଲିଥିବା ଭୂ-ରାଜନୈତିକ ଅସ୍ଥିରତା ଯୋଗୁଁ ବିଶ୍ୱବ୍ୟାପୀ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇପାରେ। ଯଦି ଏପରି ସ୍ଥିତି ଦୀର୍ଘ ସମୟ ଧରି ଚାଲିଥାଏ, ତେବେ ଅଶୋଧିତ ତୈଳ ଦରରେ ଆହୁରି ବୃଦ୍ଧି ଘଟିପାରେ। ଏହା କେବଳ ଇନ୍ଧନ ନୁହେଁ, ବରଂ ପରିବହନ, ଶିଳ୍ପ ଉତ୍ପାଦନ ଓ ଉତ୍ପାଦନ ଖର୍ଚ୍ଚ ବଢ଼ାଇ ଅନ୍ୟାନ୍ୟ ସାମଗ୍ରୀର ଦରକୁ ମଧ୍ୟ ପ୍ରଭାବିତ କରିପାରେ। ଅର୍ଥ ମନ୍ତ୍ରଣାଳୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ତୈଳ ଦର ବୃଦ୍ଧି ଦେଶର ରାଜକୋଷୀୟ ସ୍ଥିତିକୁ ଦୁର୍ବଳ କରିପାରେ। ସରକାରଙ୍କୁ ଇନ୍ଧନ ମୂଲ୍ୟ ସ୍ଥିର ରଖିବା କିମ୍ବା ଜନସାଧାରଣଙ୍କୁ ରାହାତ ଦେବା ପାଇଁ ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିପାରେ। ସେହିପରି ବଢ଼ୁଥିବା ଆମଦାନୀ ବିଲ୍ ଯୋଗୁଁ ଚଳିତ ଖାତା ଘାଁଟତି ମଧ୍ୟ ବଢ଼ିବାର ଆଶଙ୍କା ରହିଛି, ଯାହା ଦେଶର ସାମଗ୍ରିକ ଆର୍ଥିକ ସନ୍ତୁଳନ ଉପରେ ପ୍ରଭାବ ପକାଇପାରେ।ଅନ୍ୟପଟେ, ମନ୍ତ୍ରଣାଳୟ ଏଲ୍-ନିନୋ ପରିସ୍ଥିତିକୁ ମଧ୍ୟ ଭାରତୀୟ ଅର୍ଥନୀତି ପାଇଁ ଆଉ ଏକ ବଡ଼ ବିପଦ ଭାବେ ଦର୍ଶାଇଛି। ଏଲ୍-ନିନୋ ଯୋଗୁଁ ପାଗରେ ଅସ୍ୱାଭାବିକ ପରିବର୍ତ୍ତନ ହେଲେ କୃଷି ଉତ୍ପାଦନ କମିପାରେ। ଏହାର ପ୍ରଭାବରେ ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇ ଖାଦ୍ୟ ମୁଦ୍ରାସ୍ଫୀତି ବଢ଼ିପାରେ। କୃଷକଙ୍କ ଆୟ କମିବା ସହ ଗ୍ରାମାଞ୍ଚଳରେ ଚାହିଦା ମଧ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି, ଯାହା ସାମଗ୍ରିକ ଆର୍ଥିକ ବିକାଶକୁ ମନ୍ଥର କରିପାରେ। ତେବେ ଏହି ଚ୍ୟାଲେଞ୍ଜ ମଧ୍ୟରେ ଅର୍ଥ ମନ୍ତ୍ରଣାଳୟ କିଛି ସକାରାତ୍ମକ ଦିଗ ଉପରେ ମଧ୍ୟ ଆଲୋକପାତ କରିଛି। ଦେଶରେ ବର୍ତ୍ତମାନ ପର୍ଯ୍ୟାପ୍ତ ଖାଦ୍ୟଶସ୍ୟ ମହଜୁଦ ରହିଥିବା, ଜଳଭଣ୍ଡାରରେ ଯଥେଷ୍ଟ ପାଣି ଥିବା ଏବଂ ସରକାର ବିଭିନ୍ନ ସମ୍ଭାବ୍ୟ ସଙ୍କଟକୁ ମୁକାବିଲା ପାଇଁ ପୂର୍ବରୁ ପ୍ରସ୍ତୁତ ଥିବାରୁ ଏହାର ପ୍ରଭାବକୁ ବହୁ ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ ବୋଲି ଆଶା ପ୍ରକାଶ କରାଯାଇଛି। ଏହାସହ ଦେଶର ଦୀର୍ଘମିଆଦୀ ଆର୍ଥିକ ବିକାଶକୁ ଦୃଢ଼ କରିବା ପାଇଁ ସରକାର ସେମିକଣ୍ଡକ୍ଟର ଉତ୍ପାଦନ, ଜାହାଜ ନିର୍ମାଣ, କୋଇଲା ଗ୍ୟାସିଫିକେସନ୍, ପ୍ରତିରକ୍ଷା ଉତ୍ପାଦନ ଓ ଅନ୍ୟାନ୍ୟ କୌଶଳଗତ କ୍ଷେତ୍ରରେ ବିନିଯୋଗ ବଢ଼ାଇ ଚାଲିଛନ୍ତି। ଏହି ପଦକ୍ଷେପ ଆଗାମୀ ଦିନରେ ଦେଶର ଉତ୍ପାଦନ କ୍ଷମତା ବଢ଼ାଇବା ସହ ନିଯୁକ୍ତି ସୃଷ୍ଟି ଏବଂ ଅର୍ଥନୈତିକ ବିକାଶକୁ ନୂଆ ଗତି ଦେବ ବୋଲି ମନ୍ତ୍ରଣାଳୟ ବିଶ୍ୱାସ ବ୍ୟକ୍ତ କରିଛି। ସାମଗ୍ରିକ ଭାବେ ଦେଖିଲେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରର ଲଗାତାର ବୃଦ୍ଧି ଭାରତ ପାଇଁ ଏକ ଗୁରୁତର ଆର୍ଥିକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ତେଲ ଦର, ଏଲ୍-ନିନୋର ପ୍ରଭାବ ଏବଂ ବିଶ୍ୱ ଭୂ-ରାଜନୈତିକ ପରିସ୍ଥିତିକୁ ନଜରରେ ରଖି ସରକାରଙ୍କୁ ଆଗାମୀ ଦିନରେ ସନ୍ତୁଳିତ ଆର୍ଥିକ ନୀତି ଆପଣାଇବାକୁ ପଡ଼ିବ। ସେହିସହିତ ଦେଶର ଉତ୍ପାଦନ କ୍ଷମତା ବୃଦ୍ଧି ଓ ଆତ୍ମନିର୍ଭର ଭାରତ ଅଭିଯାନକୁ ଅଧିକ ଗୁରୁତ୍ୱ ଦେଇ ଏପରି ବାହ୍ୟ ଝଟକାର ପ୍ରଭାବକୁ କମାଇବା ଉପରେ ଜୋର ଦିଆଯିବା ଆବଶ୍ୟକ।

## ଅନୁଭୂତିଂ ବିନା ମୂଢ଼ୋ ବୃଥା ବ୍ରହ୍ମଣି ମୋଦତେ ।
## ପ୍ରତିବିମ୍ବିତ ଶାଖାଗ୍ର ଫଳାସ୍ୱାଦନ ମୋଦବତ୍ ।।

ଅର୍ଥ– ପ୍ରତ୍ୟକ୍ଷ ଆଧ୍ୟାତ୍ମିକ ଅନୁଭୂତି ବିନା ମୂର୍ଖ ବ୍ୟକ୍ତି ବ୍ରହ୍ମ ବିଷୟରେ କେବଳ କଳ୍ପନା କରି ଆନନ୍ଦିତ ହୁଏ। ଏହା ସେହି ବ୍ୟକ୍ତି ପରି, ଯିଏ ଗଛର ଡାଳରେ ଫଳିଥିବା ଫଳର ପ୍ରତିବିମ୍ବକୁ ଦେଖି ଭାବେ ଯେ ସେ ଫଳର ସ୍ୱାଦ ଆସ୍ୱାଦନ କରୁଛି। ପ୍ରକୃତ ଫଳର ସ୍ୱାଦ ନ ନେଇ କେବଳ ପ୍ରତିବିମ୍ବରେ ଆନନ୍ଦ ପାଇବା ଯେପରି ବ୍ୟର୍ଥ, ସେହିପରି ପ୍ରତ୍ୟକ୍ଷ ସାଧନା ଓ ଅନୁଭୂତି ବିନା ବ୍ରହ୍ମ ସମ୍ବନ୍ଧୀୟ କେବଳ ତତ୍ତ୍ୱଚର୍ଚ୍ଚା ମଧ୍ୟ ନିଷ୍ଫଳ। ସାରକଥା: କେବଳ ଶାସ୍ତ୍ରଜ୍ଞାନ କିମ୍ବା ଆଲୋଚନା ପର୍ଯ୍ୟାପ୍ତ ନୁହେଁ ସାଧନା ମାଧ୍ୟମରେ ପରମସତ୍ୟର ପ୍ରତ୍ୟକ୍ଷ ଅନୁଭୂତି ହିଁ ପ୍ରକୃତ ଆନନ୍ଦ ଦେଇଥାଏ।

ଦେୟଂ କିମପି ଭବତେ ପୁରଷୋତ୍ତମାୟ ହେ ପରମପୁରୁଷ,ହେ ପୁରଷୋତ୍ତମ, ତୁମକୁ ମୁଁ କଣ ବା ଦେଇ ପାରିବି? କିଛି ମାତ୍ର ଦେଇ ପାରିବି ନାହିଁ ଦେବା ଭଳି କିଛି ନାହିଁ । ଆଉ ଯେଉଁଟା ଦେବାକୁ ଯାଉଛି, ଫୁଲ, ମାଳ, ଚନ୍ଦନ କୁହାଯାଉ, ଯାହା ଦେବାକୁ ଯାଉଛି ତାହା ତ ତୁମେ ହିଁ ତିଆରି କରିଛ । ତେବେ ନା ମୁଁ ଦେଇ ପାରୁଛି ତାହାର ଅସଲି ମାଲିକାନା ତ ତୁମର ଆମ ହାତ ଦ୍ୱାରା କେବଳ ତାହା ଦିଆହେଉଛି ହେ ପରମପୁରୁଷ, ମୁଁ ତ ତୃତୀୟ ଶ୍ରେଣୀର ଭକ୍ତ କିନ୍ତୁ ମୁଁ ଶୁଣିଥାଏ ଯେ ଯେଉଁମାନେ ପ୍ରଥମ ଶ୍ରେଣୀର ଭକ୍ତ,ବଡ ବଡ ଭକ୍ତ,ସେମାନେ କଣ କରିଛନ୍ତି? ସେମାନେ ସେମାନଙ୍କର କାର୍ଯ୍ୟଦ୍ୱାରା ତୁମକୁ ଏତେବେଶୀ ସନ୍ତୁଷ୍ଟ କରିପାରିଛନ୍ତି ଯେ ତୁମର ମନକୁ ସେମାନେ କାଢ଼ି ନେଇଛନ୍ତି । ତୁମର ମନଟି ଆଉ ନାହିଁ ତେଣୁ ହେ ପରମପୁରୁଷ, ତୁମକୁ କିଛି ଭାବିବାକୁ ହେବନାହିଁ । ମୁଁ ମୋର ମନଟିକୁ ତୁମକୁ ଦେଉଛି ତୁମେ ନେଇଯାଅ ଏହି ଭାବରେ ପରମପୁରୁଷଙ୍କୁ ସନ୍ତୁଷ୍ଟ କରାଯାଏ ।

# ଏଲନିନୋ ପ୍ରଭାବ ନା ଲଘୁଚାପର ଧୀମାଗତି, କିଏ ଦାୟୀ

ମୌସୁମୀ ଆଗମନର ବହୁପୂର୍ବରୁ ଅନ୍ତର୍ଜାତୀୟ ପାଣିପାଗ ସଂସ୍ଥା ଏବଂ ମଡେଲଗୁଡିକ ଦ୍ୱାରା ପୂର୍ବ ଏବଂ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ସକାଶେ ଜାରି ହୋଇଥିବା ଜଳବାୟୁ ପ୍ରକ୍ରିୟା 'ଏଲନିନୋ' ସମ୍ପର୍କିତ ଆକଳନ ସାରା ବିଶ୍ୱ ପାଇଁ ଚିନ୍ତା ସୃଷ୍ଟି କରିଥିଲା।

ଜୁଲାଇ ସରିନାହିଁ। ଶ୍ରାବଣ ମାସ ଏଇ କିଛି ଦିନ ହେବ ଆରମ୍ଭ ହୋଇଛି। ହେଲେ ବର୍ଷାର ଧାରା ଆଦୌ ବନ୍ଦହେଉ ନାହିଁ। ବୈତରଣୀ, ବୁଢ଼ାବଳଙ୍ଗ, ସାଳନ୍ଦୀ, ଜଳକା– ସବୁ ନଦୀରେ ଉଛୁଳା ବନ୍ୟାପାଣି। ଜୁନ ମାସରେ ରାଜ୍ୟରେ ୪୭% ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଥିଲା। ସମସ୍ତ ନଦୀର ଜଳସ୍ତର ପ୍ରାୟ ଯଥେଷ୍ଟ କମ୍ ଥିଲା।

ଏମିତି ପରିସ୍ଥିତିରେ ବନ୍ୟା ହେବା ଅତ୍ୟନ୍ତ ଅସ୍ୱାଭାବିକ। ଜୁନ ସରୁ ସରୁ ରାଜ୍ୟ ସାରା ଚହଳ ପଡ଼ିଲା ଯେ ଏଥର ଜଳବାୟୁ ପ୍ରକ୍ରିୟା 'ଏଲନିନୋ' ଚାଷକୁ ଗିଳି ଖାଇବ। ଚାଷୀ ପୁଅ ହଳ–ଲଙ୍ଗଳ ଛାଡ଼ିଲେ। ଆଉ କିଛି ଏପରି ପରିସ୍ଥିତିରେ ଚାଷ କାର୍ଯ୍ୟ ଆରମ୍ଭ କରିବାକୁ ଡରିଲେ। ହେଲେ ଜୁଲାଇ ଦେଖେଇ ଦେଲା ଯେ ପାଣିପାଗ ପୂର୍ବାନୁମାନ ଏତେ ସହଜ ନୁହେଁ।ଜୁଲାଇ ସରିନାହିଁ, କିନ୍ତୁ ୧ ଜୁନ ରୁ ୩୧ ଜୁଲାଇ ମଧ୍ୟରେ ସ୍ୱାଭାବିକ ବର୍ଷା ୫୫୦.୭ ମିମି ଅତିକ୍ରମ କରିସାରିଲାଣି ୨୯ ଜୁଲାଇ ସୁଦ୍ଧା ଅନୁଭୂତ ହୋଇଥିବା ବର୍ଷା। ଆଜି ଅର୍ଥାତ୍ ୨୯ ଜୁଲାଇ ସୁଦ୍ଧା ରାଜ୍ୟରେ ୭୧୨ମିମି ବର୍ଷା ରେକର୍ଡ ହୋଇସାରିଲାଣି। ଜୁଲାଇ ମାସରେ ୩୪୧.୧ ମିମି ପରିବର୍ତ୍ତେ ୬୦୦ମିମି ଅତିକ୍ରମ କରିସାରିଛି ବୃଷ୍ଟିପାତ। ଏହା କେବଳ ଜୁନର ନିଅଣ୍ଟିଆକୁ ଭରଣ କରିନାହିଁ, ସାରା ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି କଲାଣି। ପ୍ରଶାନ୍ତ ମହାସାଗରରେ ଏଲନିନୋ ସତ୍ତ୍ୱେ ରାଜ୍ୟରେ ଏଭଳି ପରିସ୍ଥିତି ପାଣିପାଗ ଢାଞ୍ଚାର ପରିବର୍ତ୍ତନ ଉପରେ ପ୍ରଶ୍ନ ଉଠେଇବା ସ୍ୱାଭାବିକ।

ମୌସୁମୀ ଆଗମନର ବହୁପୂର୍ବରୁ ଅନ୍ତର୍ଜାତୀୟ ପାଣିପାଗ ସଂସ୍ଥା ଏବଂ ମଡେଲଗୁଡିକ ଦ୍ୱାରା ପୂର୍ବ ଏବଂ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ସକାଶେ ଜାରି ହୋଇଥିବା ଜଳବାୟୁ ପ୍ରକ୍ରିୟା 'ଏଲନିନୋ' ସମ୍ପର୍କିତ ଆକଳନ ସାରା ବିଶ୍ୱ ପାଇଁ ଚିନ୍ତା ସୃଷ୍ଟି କରିଥିଲା। କାରଣ ଏଲନିନୋ ସକ୍ରିୟ ରହିଲେ ବୃଷ୍ଟିପାତ କମିବ ଏବଂ ଦେଶର ଅଭିବୃଦ୍ଧି ସିଧାସଳଖ ପ୍ରଭାବିତ ହେବ।କିନ୍ତୁ ସର୍ବପ୍ରଥମେ ମହାରାଷ୍ଟ୍ର, ପରେ ଗୁଜରାଟ ଓ ଆସାମ, ଆଉ ଏବେ ଓଡ଼ିଶାରେ ଦେଖା ଦେଇଥିବା ବନ୍ୟା ପରିସ୍ଥିତି କହୁଛି ଯେ ଏଲନିନୋ ଏତେ ପରିମାଣରେ ପ୍ରଭାବହୀନ ହେବା ଏକ ଭିନ୍ନ ସମସ୍ୟା।

ଆମ ଦେଶରରେ ମୌସୁମୀ ସମୟରେ



ଅତିବୃଷ୍ଟି ଓ ଏହା ପ୍ରଭାବରେ ଉପୁଜୁଥିବା ବନ୍ୟା ପରିସ୍ଥିତି ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଏବଂ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ ବିନାଶକାରୀ ଓ ପ୍ରାଣଘାତୀ ପରିସ୍ଥିତି ସୃଷ୍ଟି କରିଥାଏ। ଯଦିଓ ବିଷୁବ ରେଖା ନିକଟସ୍ଥ ପୂର୍ବ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର ପ୍ରଶାନ୍ତ ମହାସାଗରରେ ଘଟୁଥିବା ଜଳବାୟୁ ପ୍ରକ୍ରିୟା 'ଏଲ୍ ନିନୋ' ଘଟଣା ସମଗ୍ର ଭାରତରେ ମୌସୁମୀ ଜନିତ ଋତୁକାଳୀନ ମୋଟ ବର୍ଷା ପରିମାଣକୁ ହ୍ରାସ କରୁଥିବା ଦେଖାଯାଇଛି, କିନ୍ତୁ ଗବେଷଣା କହୁଛି– ୧୯୦୧ ରୁ ୨୦୨୦ ମଧ୍ୟରେ ଏଲନିନୋ ବର୍ଷ ଗୁଡ଼ିକରେ ଦିନିକିଆ ଅର୍ଥାତ ୨୪ଘଣ୍ଟା ମଧ୍ୟରେ ଅନୁଭୂତ ହେଉଥିବା ମୋଟ ବର୍ଷାର ମାତ୍ରାର ବାରମ୍ବାରତା ବୃଦ୍ଧି ପାଇଥିବାର ପରିଲକ୍ଷିତ ହୋଇଛି।

୨୦୨୫ ମସିହାରେ ଆମେରିକର ବିଜ୍ଞାନ ପତ୍ରିକା ସାଇନ୍ସରେ ପ୍ରକାଶିତ ଏକ ଗବେଷଣାତ୍ମକ ପ୍ରବନ୍ଧ ଅନୁଯାୟୀ ଏଲନିନୋ ବର୍ଷ ଗୁଡ଼ିକରେ ସାଧାରଣତଃ ବାୟୁମଣ୍ଡଳରେ ବର୍ଦ୍ଧିତ ଅସ୍ଥିରତା ହେତୁ ଏହି ବର୍ଷ ଗୁଡିକରେ ଗୋଟେ ଦିନରେ ଅନୁଭୂତ ହେଉଥିବା ବର୍ଷାର ପରିମାଣ ଅଧିକ ରହୁଛି। ଫଳସ୍ୱରୂପ ଏହା ପ୍ରଭାବରେ ସହରୀ ବନ୍ୟା, ପାହାଡ଼ିଆ ଅଞ୍ଚଳରେ ଅକସ୍ମାତ ବନ୍ୟା ପରିସ୍ଥିତି ସହ କମ୍ ସମୟରେ ଅଧିକ ବର୍ଷା ହେତୁ ନଦୀଗୁଡିକରେ ମଧ୍ୟ ବନ୍ୟା ପରିସ୍ଥିତି ଦେଖାଯାଉଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଗୁଜରାଟର ଭାଲସଡ଼ରେ ଚଳିତ ବର୍ଷ ଓମାରଗାଁରେ ଗୋଟିଏ ଦିନରେ (୨୩, ଜୁଲାଇ) ୧୦୬୪ ମିମି ବର୍ଷା ରେକର୍ଡ ହୋଇଥିଲା, ଯାହାକି ପୂରା ଦେଶରେ ରେକର୍ଡ ହୋଇଥିବା

ଗୋଟିଏ ଦିନରେ ତୃତୀୟ ସର୍ବାଧିକ ବର୍ଷା।ସେହିପରି ଅହମଦାବାଦ ସହରରେ ଜୁଲାଇ ୨୪ରେ ଗୋଟିଏ ଦିନରେ ୭୩୭ ମିମି ବର୍ଷା ରେକର୍ଡ ହେବା ତାର ଜ୍ୱଳନ୍ତ ଉଦାହରଣ। ଯଦିଓ ଏହି ସମୟରେ ଗୁଜରାଟ ଏବଂ ତାର ପାର୍ଶ୍ୱବର୍ତ୍ତୀ ରାଜସ୍ଥାନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଥିଲା, କିନ୍ତୁ ଅତ୍ୟଧିକ ଅସ୍ଥିରତା ବୃଦ୍ଧି ଏଲନିନୋ ପ୍ରଭାବ କି ନୁହେଁ ସେଥିପାଇଁ ଗବେଷଣାର ଯଥେଷ୍ଟ ଆବଶ୍ୟକ ରହିଛି।

ଅନ୍ୟପଟେ ଜୁଲାଇ ୨୫ରେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ତାହା ୨୬ ତାରିଖ ସକାଳେ ଅବପାତରେ ପରିଣତ ହୋଇଥିଲା ଏବଂ ଧୀମା ଗତି ହେତୁ ଏହା ଲଗାତାର ୪ ଦିନ ରାଜ୍ୟରେ ଅତ୍ୟଧିକ ବର୍ଷା ସହ ରାଜ୍ୟ ସାରା ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ୨୫ ତାରିଖରୁ ୨୯ ତାରିଖ– ଏହି ୪ ଦିନରେ ରାଜ୍ୟରେ ୧୬୩.୪ ମିମି ବର୍ଷା ରେକର୍ଡ ହୋଇଛି, ଯାହାକି ଜୁଲାଇ ମାସର ସ୍ୱାଭାବିକ ବର୍ଷା ୩୪୧.୪ ମିମିର ପାଖାପାଖି ୪୮% ରହିଛି। ତେବେ ସେତିକି ନୁହେଁ, କେବଳ ଗତ ଦୁଇ ଦିନ ୨୭ ଏବଂ ୨୮ ତାରିଖ ମଧ୍ୟରେ ଜୁଲାଇ ମାସର ୩୨% ବର୍ଷା ରେକର୍ଡ ହୋଇଛି, ଅର୍ଥାତ ୧୧୧.୭ ମିମି ବର୍ଷା ହୋଇଛି। ତେବେ ପ୍ରଶ୍ନ ହେଉଛି ଏତେ କମ୍ ସମୟରେ ଏତେ ଅଧିକ ବର୍ଷା ହେବାର କାରଣ କ'ଣ ସୃଷ୍ଟି ହୋଇଥିବା ଲଘୁଚାପ, ଯାହାକି ପରବର୍ତ୍ତୀ ସମୟରେ ଘନୀଭୂତ ହୋଇ ଗଭୀର ଅବପାତରେ ହୋଇଥିବା ସିଷ୍ଟମର ଧୀମା ଗତି ନା ଏଲନିନୋ ଜନିତ ପ୍ରଭାବ।

ସାଧାରଣତଃ ଗୋଟିଏ ନିମ୍ନ ଚାପ ଜନିତ ପାଣିପାଗ ପ୍ରକ୍ରିୟା ଧୀମା ଗତି କରୁଥିଲେ, ତାହା ଦୈନିକ ୨୪୦ ରୁ ୩୪୦ କିମି ଯାଏ ଗତି କରୁଥାଏ। କିନ୍ତୁ ଏହି ସିଷ୍ଟମଟି ଉତ୍ତର ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରୁ ୨୫ ତାରିଖରେ ସୃଷ୍ଟି ହୋଇଥିଲେ ବି ୨୯ ତାରିଖ ସକାଳ ସମୟରେ ଏହା ଅତ୍ୟନ୍ତ ଧୀମା ଗତି ସହ ଝାରସୁଗୁଡା ପାଖାପାଖି ପହଞ୍ଚି ଥିଲା। ଅର୍ଥାତ ୪ ଦିନରେ ମାତ୍ର ୪୭୦ କିମି ପାଖାପାଖି ଗତି କରିଥିଲା। ଅର୍ଥାତ୍ ଦୈନିକ ୧୧୮ କିମି ଗତି କରିଥିଲା। ଯାହାକି ଧୀମା ଗତିକରୁଥିବା ନିମ୍ନଚାପ ଜନିତ ପାଣିପାଗ ପ୍ରକ୍ରିୟା ଠାରୁ ବି ଯଥେଷ୍ଟ କମ୍। ଫଳ ସ୍ୱରୂପ ବୃଷ୍ଟିପାତ ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ସମୟ ମିଳିଥିଲା, ଯାହାଫଳରେ କମ୍ ସମୟ ମଧ୍ୟରେ ଏତେ ପରିମାଣର ବୃଷ୍ଟିପାତ ହେତୁ ବନ୍ୟା ପରିସ୍ଥିତି ସୃଷ୍ଟି ସହ ରାଜ୍ୟର ଅଧିକାଂଶ ସ୍ଥାନ ଜଳମଗ୍ନ ରହିଛି। କିନ୍ତୁ ସାଧାରଣତଃ ଗୋଟିଏ ଅବପାତରେ ୪୦ ରୁ ୭୦ ମିମି ବର୍ଷା ହେବାର ପୂର୍ବରୁ ନଜିର ରହିଛି। ତେଣୁ ଏହା ଏଲନିନୋ ପ୍ରଭାବ କି ନୁହେଁ କହିବା ଅତ୍ୟନ୍ତ କଷ୍ଟ ସାଧ୍ୟ। କିନ୍ତୁ ଗବେଷଣା ଅନୁଯାୟୀ ବିଶ୍ୱ ତାପନ ତଥା ଜଳବାୟୁ ପରିବର୍ତ୍ତନ ହେତୁ ନିମ୍ନ ଚାପ ଜନିତ ପାଣିପାଗ ପ୍ରକ୍ରିୟାଗୁଡିକର ଗତିର ବେଗ ଧୀମା ରହୁଛି, ଯାହା ଫଳରେ କମ୍ ସମୟରେ ଲଘୁଚାପ କ୍ଷେତ୍ର ଗୁଡିକ ଅଧିକ ଦିନ ଧରି ପ୍ରଭାବ ପକାଉଥିବାର ପରିଲକ୍ଷିତ ହେଉଛି। କେବଳ ସେତିକି ନୁହେଁ, ଜୁଲାଇ ମାସର ପ୍ରଥମ ଲଘୁଚାପ କ୍ଷେତ୍ର ପ୍ରଭାବରେ ମଧ୍ୟ ରାଜ୍ୟରେ ୧ ଜୁଲାଇରୁ ୬ ଜୁଲାଇ ମଧ୍ୟରେ ୨୧୩.୯ ମିମି ବର୍ଷା ରେକର୍ଡ ହୋଇଥିଲା। ଅର୍ଥାତ୍ ୬ ଦିନ ଧରି ଲଗାତର ପ୍ରଭାବ ରହିଥିଲା।

ସେହିପରି ଦ୍ୱିତୀୟ ଲଘୁଚାପ କ୍ଷେତ୍ର ପ୍ରଭାବରେ ୧୫ ରୁ ୧୮ ତାରିଖ ମଧ୍ୟରେ ୧୦୩.୯ ମିମି ବର୍ଷା ରେକର୍ଡ ହୋଇଥିଲା। ଅର୍ଥାତ ଚଳିତ ବର୍ଷ ଜୁଲାଇ ମାସରେ ଗୋଟିଏ ଅବପାତ, ଗୋଟିଏ ଲଘୁଚାପ ଏବଂ ବର୍ତ୍ତମାନର ସକ୍ରିୟ ଗଭୀର ଅବପାତ ପ୍ରଭାବରେ ରାଜ୍ୟରେ ମାତ୍ର ୧୩ ଦିନରେ ୪୮୧.୨ ମିମି ବର୍ଷା ରେକର୍ଡ ହୋଇଛି। ପୂର୍ବ ଅବପାତ ଏବଂ ଲଘୁଚାପ ପ୍ରଭାବରେ ନଦୀ ଗୁଡ଼ିକ ଫୁଲିଥିବା ବେଳେ ଚଳିତ ଧୀମା ଗଭୀର ଅବପାତ ପ୍ରଭାବରେ ୪ ଦିନରେ ୧୬୩.୪ ମିମି ବର୍ଷା ଯୋଗୁ ରାଜ୍ୟର ଅଧିକାଂଶ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି। କିନ୍ତୁ, ସବୁଠାରୁ ବଡ଼ ପ୍ରଶ୍ନ ହେଉଛି– ଏହି ନିମ୍ନଚାପ ଜନିତ ପାଣିପାଗ ପ୍ରକ୍ରିୟାଗୁଡ଼ିକର ଧୀମାଗତି ସହ ରାଜ୍ୟ ଉପରେ ଅଧିକ ଦିନ ଧରି ପ୍ରଭାବ ନା ଏଲନିନୋ ବର୍ଷ ଗୁଡ଼ିକରେ ବାୟୁମଣ୍ଡଳରେ ଅସ୍ଥିରତା ବୃଦ୍ଧି ହେତୁ ଗୋଟିଏ ଦିନରେ ଅନୁଭୂତ ହେଉଥିବା ବର୍ଷାର ମାତ୍ର ବୃଦ୍ଧି ହେତୁ ଏମିତି ପରିସ୍ଥିତି ଉପୁଜୁଛି ତେଣୁ ଆଗାମୀ ଦିନରେ ସୃଷ୍ଟି ହେଉଥିବା ଲଘୁଚାପ ଗୁଡ଼ିକର ଗତିର ବେଗ ଏବଂ ଏଲନିନୋ ତଥା ବିଶ୍ୱତାପନ ଫଳରେ ବର୍ଦ୍ଧିତ ଅସ୍ଥିରତା ପ୍ରଭାବରେ ବୃଷ୍ଟିପାତର ତୀବ୍ରତା ପୂର୍ବାନୁମାନ ଓଡ଼ିଶା ପରି ବନ୍ୟା ବହୁଳ ରାଜ୍ୟ ପାଇଁ ପାଣିପାଗ ପୂର୍ବାନୁମାନ ଦିଗରେ ଏକ ନୂତନ ଆହ୍ୱାନ ହୋଇ ଛିଡ଼ା ହେବ। ଏହାର ଗବେଷଣା ଭିତ୍ତିକ ପୂର୍ବାନୁମାନ ବନ୍ୟା ନିଅନ୍ତ୍ରଣ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ।

**ଉମାଶଙ୍କର ଦାସ, ପାଣିପାଗ ବିଜ୍ଞାନୀ**

# ହୋମୱାର୍କ ଯୋଗୁଁ ପିଲାଙ୍କ ଉପରେ ବଢୁଛି ଚାପ !

ଅଧିକାଂଶ ଅଭିଭାବକ ଓ ବିଶେଷଜ୍ଞ ମାନନ୍ତି ଯେ, ହୋମୱାର୍କ ଯୋଗୁଁ ପିଲାଙ୍କ ଉପରେ ଅଯଥା ଚାପ ସୃଷ୍ଟି ହେଉଛି, ଯାହା ସେମାନଙ୍କ ମାନସିକ ଓ ଶାରୀରିକ ବିକାଶରେ ବାଧା ସାଜୁଛି । ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ନେଇ ସବୁବେଳେ ଗୋଟିଏ ବିଷୟରେ ସମାଲୋଚନା ହୋଇଥାଏ, ତାହା ହେଉଛି ୩୯ହୋମୱାର୍କ ୩୯। ଅଧିକାଂଶ ଅଭିଭାବକ ଓ ବିଶେଷଜ୍ଞ ମାନନ୍ତି ଯେ, ହୋମୱାର୍କ ଯୋଗୁଁ ପିଲାଙ୍କ ଉପରେ ଅଯଥା ଚାପ ସୃଷ୍ଟି ହେଉଛି, ଯାହା ସେମାନଙ୍କ ମାନସିକ ଓ ଶାରୀରିକ ବିକାଶରେ ବାଧା ସାଜୁଛି । ଏହି ପ୍ରସଙ୍ଗକୁ ନେଇ ଏବେ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି ଏବଂ ଏହାର କାରଣ ସାଜିଛନ୍ତି ବଲିଉଡ ଅଭିନେତା ଆର ମାଧବନ । ମାଧବନ ନିକଟରେ ନୋଏଡାର ଜଣେ ମୁକେଶ ଶର୍ମାଙ୍କର ଏକ ପୋଷ୍ଟ



ସେୟାର କରିଛନ୍ତି, ଯେଉଁଥିରେ ଭାରତ ଓ ଫିନଲାଣ୍ଡର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ଆଲୋଚନା କରାଯାଇଛି । ଫିନଲାଣ୍ଡ ବିଶ୍ୱର ସର୍ବୋତ୍ତମ ଶିକ୍ଷା ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ। ଆର ମାଧବନଙ୍କ ପୋଷ୍ଟ ଅନୁଯାୟୀ, ଫିନଲାଣ୍ଡର କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି:

**ହୋମୱାର୍କ ଉପରେ ରୋକ୍:** ଫିନଲାଣ୍ଡରେ ୧୯୮୫ ମସିହାରୁ ହିଁ ପିଲାଙ୍କୁ ହୋମୱାର୍କ ଦେବା ବନ୍ଦ କରିଦିଆଯାଇଛି। ସେଠାକାର ଗବେଷଣା ଅନୁଯାୟୀ, ହୋମୱାର୍କ ଦ୍ୱାରା ପିଲାଙ୍କ ଶିଖିବା ଶୈଳୀରେ କୌଣସି ଉନ୍ନତି ହୁଏ ନାହିଁ, ବରଂ ଚାପ ବଢ଼େ ଏବଂ ନିଦ୍ରାହୀନତା ଦେଖାଦିଏ ।

୧୬ ବର୍ଷ ଯାଏଁ ପରୀକ୍ଷା ନାହିଁ:ଫିନଲାଣ୍ଡରେ ପିଲାମାନେ ୧୬ ବର୍ଷ ବୟସ ପର୍ଯ୍ୟନ୍ତ କୌଣସି ଷ୍ଟାଣ୍ଡାର୍ଡାଇଜ୍ଡ ଟେଷ୍ଟ କିମ୍ବା ବଡ଼ ପରୀକ୍ଷା ଦିଅନ୍ତି ନାହିଁ ।

**ପ୍ରତିଯୋଗିତା ଶୂନ୍ୟ:**ସେଠାରେ ପିଲାଙ୍କ ମଧ୍ୟରେ କୌଣସି ର୍‍ୟାଙ୍କିଙ୍ଗ୍? କିମ୍ବା ତୁଳନା କରାଯାଏ ନାହିଁ। ଫଳରେ ପିଲାମାନେ ନିଜ ସୃଜନଶୀଳତା ଓ ଖେଳକୁଦ ଉପରେ ଅଧିକ ଧ୍ୟାନ ଦେଇପାରନ୍ତି । ଶିକ୍ଷକଙ୍କ

**ପ୍ରଶିକ୍ଷଣ:**ଫିନଲାଣ୍ଡରେ ଜଣେ ଶିକ୍ଷକ ହେବା ପାଇଁ ଅତିକମରେ ୫ ବର୍ଷର କଠିନ ପ୍ରଶିକ୍ଷଣ ନେବାକୁ ପଡ଼ିଥାଏ। ଶିକ୍ଷକମାନେ ପ୍ରତିଟି ପିଲାଙ୍କୁ ସେମାନଙ୍କ ନିଜ ଗତିରେ ଶିଖିବାକୁ ସ୍ୱାଧୀନତା ଦିଅନ୍ତି ।

**ସ୍କୁଲ ସମୟ:**ସେଠାରେ ସ୍କୁଲ ସକାଳ ୯ଟାରୁ ୯:୪୫ ମଧ୍ୟରେ ଆରମ୍ଭ ହୋଇଥାଏ ଏବଂ ଦିନ ୨ଟାରୁ ୨:୪୫ ମଧ୍ୟରେ ଶେଷ ହୋଇଯାଏ। ରିସର୍ଚ୍ଚ କହୁଛି ଯେ, ସକାଳୁ ଶୀଘ୍ର ସ୍କୁଲ ଯିବା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼େ ।

**ଭାରତରେ କ'ଣ ହେଉଛି ?**

ମାଧବନଙ୍କ ପୋଷ୍ଟରେ ଭାରତୀୟ ପିଲାଙ୍କ ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଭାରତରେ ଜଣେ ୧୦ ବର୍ଷର ପିଲା ସକାଳୁ ଶୀଘ୍ର ଉଠି ସ୍କୁଲ ଯାଏ, ସେଠାରୁ ଫେରିବା ପରେ ଟ୍ୟୁସନ ଏବଂ ତା'ପରେ ଘଣ୍ଟା ଘଣ୍ଟା ଧରି ହୋମୱାର୍କ କରେ। ଅର୍ଥାତ୍? ଜଣେ ବଡ଼ ମଣିଷ ଅଫିସରେ ଯେତିକି ସମୟ କାମ କରେ, ତା'ଠାରୁ ଅଧିକ ସମୟ ଜଣେ ଛୋଟ ପିଲା ପାଠପଢ଼ାରେ ବିତାଉଛି।

**ଅଭିଭାବକଙ୍କ ପାଇଁ ଶିକ୍ଷା:**

ଏହି ପୋଷ୍ଟ ମାଧ୍ୟମରେ ଅଭିଭାବକମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଛି। ପିଲା ସ୍କୁଲରୁ ଫେରିବା ପରେ ହୋମୱାର୍କ କେତେ ସରିଲା ? ବୋଲି ପଚାରିବା ବଦଳରେ ଆଜି ସ୍କୁଲରେ କ'ଣ ମଜାଦାର କଥା ଶିଖିଲ ?

ବୋଲି ପଚାରନ୍ତୁ। ସପ୍ତାହ ଶେଷରେ ପିଲାଙ୍କୁ ପାଠପଢ଼ା ଚାପରୁ ମୁକ୍ତ ରଖି ସେମାନଙ୍କ ମନପସନ୍ଦର କାମ କରିବାକୁ ସୁଯୋଗ ଦେବା ଉଚିତ୍? । ଏହି ପୋଷ୍ଟଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆବଶ୍ୟକ ବୋଲି ଅନେକ ମତ ଦେଉଛନ୍ତି ।

# "ମିଥ୍ୟାବାଦୀ ସଦା ଦୁଃଖୀ"

ମଣିଷ ସତ୍ୟାଶ୍ରୟୀ ହେଉ ବା ନ ହେଉ, ବିଶ୍ୱର ପରିବେଶ ସତ୍ୟାଶ୍ରୟୀ । ପ୍ରତିଟି ଉଦ୍ଭିଦ, ପ୍ରତିଟି ଜୀବଜନ୍ତୁ ସତ୍ୟର ହିଁ ପ୍ରତିଛବି । ତାଳଗଛ ଦେହରେ ଥିବା ଦାଗ ଦେଖି ତାର ବୟସ ବୁଝାଯାଏ । ଚାକିରୀରେ ସୁବିଧା ହେବ ବୋଲି ସେ ବୟସ କମାଏ ନାହିଁ, ବୟସ ବଢାଏ ନାହିଁ । ବରଗଛ ପତ୍ରର ଶିରାରେ–ଉପଶିରାରେ ଏକ ଧରଣର ରେଖାଙ୍କନ ରହିଛି– ଟ୍ୟାକ୍ସ ଫାଙ୍କି ଦେବା ପାଇଁ ସେ ରେଖାରେ ହେରଫେର କରେ ନାହି । ଛେଳି ଧରିବାକୁ ସୁବିଧା ହେବ ବୋଲି ଗଧୂ ଗଳାର ସ୍ୱର ବଦଳାଏ ନାହିଁ । ଏମାନେ ସମସ୍ତେ ସତ୍ୟର ପ୍ରତିଭୂ – ମିଥ୍ୟା ଏମାନଙ୍କର ଅଜଣା ତତ୍ତ୍ୱ । ଟିକିଏ ଆଗରୁ କହିଥିଲି ମଣିଷ ମିଥ୍ୟାର ଆଶ୍ରୟ ନିଏ ହୁଏତ ସ୍ୱାର୍ଥ ପ୍ରଣୋଦିତ ହୋଇ ଅଥବା ସ୍ୱଭାବଗତ କାରଣରୁ । ମଣିଷର ଯେଉଁ ପରିବେଶ, ସେହି ପରିବେଶରେ କ୍ଷୁଦ୍ର ସ୍ୱାର୍ଥରେ ହେଉ ବା ବୃହତ୍ ସ୍ୱାର୍ଥରେ ହେଉ, ସତ୍ୟରେ କଳଙ୍କ ଲେପନ କରି ଏମାନେ ମିଥ୍ୟାର ଛତ୍ରଛାୟାରେ ଆଶ୍ରୟ ଲାଭର ଅପପ୍ରୟାସ କରନ୍ତି ନାହିଁ । ଏଥିରୁ ମନସ୍ତାତ୍ତ୍ୱିକ ଦିଗ ଦେଇ ଏହା ପ୍ରମାଣିତ ହେଉଛି ଯେ ମନୁଷ୍ୟତର ଜୀବ ଠାରୁ ମଣିଷ ବେଶୀ ସ୍ୱାର୍ଥାନ୍ଧ, ବେଶୀ କ୍ଷୁଦ୍ରଚେତା । ସ୍ୱଭାବଗତ ମିଥ୍ୟାଚାରୀ ହେବାର ସୁଯୋଗ ଇଟା–କାଠ–ବାଲି – ପଥରର ନାହିଁ ନିଶ୍ଚୟ, ଉଦ୍ଭିଦ ଓ ମନୁଷ୍ୟତର ଜୀବମାନଙ୍କର ମଧ୍ୟ ନାହିଁ (ତେବେ ମଣିଷ ଯଦି ସେମାନଙ୍କୁ ମିଥ୍ୟାଚାର ଶିଖେଇଥାଏ ତେବେ ତାହା ଅନ୍ୟ କଥା)। ମଣିଷ ସାମନାରେ ମଧ୍ୟ ପ୍ରକୃତରେ ମିଥ୍ୟା–ସ୍ୱଭାବଗତ ହେବାର ସ୍ୱାଭାବିକ ସୁଯୋଗ ନାହିଁ । ବୁଦ୍ଧିମାନ ଓ ନୀଚାଶୟ ମଣିଷ ଅପଚେଷ୍ଟା ମାଧ୍ୟମରେ ସେହି ସୁଯୋଗଟି କରିନିଏ ।

କୁହାଯାଏ, 'ପ୍ରତିକୂଳବେଦନୀୟମ୍ ଦୁଃଖମ୍'' । ଗୋଟିଏ ମିଥ୍ୟାଚାରୀ ମଣିଷ, ଯାହାର ସଂସ୍କାରଗତ ତରଙ୍ଗ ମିଥ୍ୟାଶ୍ରୟୀ, ତାକୁ ଏହି ଜଗତର ସତ୍ୟାଶ୍ରୟୀ ପରିବେଶରେ ରହିବାକୁ ହେଉଛି । ଅର୍ଥାତ୍ ଇଟା–କାଠ–ପଥର–ଉଦ୍ଭିଦ–ଜୀବଜନ୍ତୁ ଓ ମଣିଷ ଜାତିର ଗୋଟିଏ ବୃହତ୍ ଅଂଶ ସତ୍ୟାଶ୍ରୟୀ । ସେମାନଙ୍କର ସଂସ୍କାରଗତ ତରଙ୍ଗ ସତ୍ୟାଶ୍ରୟୀ । କିନ୍ତୁ ମିଥ୍ୟାଚାରୀ ମଣିଷର ମିଥ୍ୟାଶ୍ରୟୀ ଭାବତରଙ୍ଗ, ମିଥ୍ୟାଶ୍ରୟୀ ସଂସ୍କାର ରହିଛି । ପ୍ରତିକୂଳ ସଂସ୍କାର ବା ପ୍ରତିକୂଳ ପରିବେଶ ମଧ୍ୟରେ ପ୍ରତିକୂଳ ତରଙ୍ଗର ପରିବେଷ୍ଟନୀରେ ମଣିଷ 'ପ୍ରତିକୂଳବେଦନୀୟମ୍ ଦୁଃଖମ୍' ଅନୁଭବ କରିବେ । ତେଣୁ ଜଣେ ମିଥ୍ୟାଶ୍ରୟୀ ମଣିଷ ସତ୍ୟବିଧୃତ ଜଗତରେ ଦୁଃଖବୋଧ କରିବ ହିଁ କରିବ। ତେଣୁ ଶିବ ଏ ସମ୍ବନ୍ଧରେ ଜଗତର ମଣିଷଙ୍କୁ ସାବଧାନ କରି କହିଯାଇଛନ୍ତି: ''ମିଥ୍ୟାବାଦୀ ସଦା ଦୁଃଖୀ'' ।

# ବିଭାଗୀୟ ବିଫଳତା ନକଲି ଶିକ୍ଷକ ଚିହ୍ନଟରେ ବାଧକ

ରାଜ୍ୟ ସାରା ମାଳ ମାଳ ନକଲି ଶିକ୍ଷକ,ନକଲି ଡାକ୍ତର,ନକଲି ସାମ୍ବାଦିକ ସାଙ୍ଗକୁ ପଲପଲ ନକଲି ନାଗରିକ ସାଜିଥିବା ବଙ୍ଗଳାଦେଶୀମାନେ ଛାଇ ଯାଇଛନ୍ତି।ହେଲେ ଏମାନଙ୍କ ପ୍ରମାଣ ପତ୍ରରୁ ଅସଲି କିଏ ନକଲି କିଏ ଜାଣିବା ସମ୍ଭବ ନହେବା ପଛରେ ଦୀର୍ଘ ବର୍ଷ ଧରି ଏମାନଙ୍କୁ ସହାୟତା କରି ଆସିଥିବା ରାଜ୍ୟର ଶାସନ ଓ ପ୍ରଶାସନହିଁ ମୁଖ୍ୟତଃ ଦାୟୀ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ପୂର୍ବ ସ୍ତମ୍ଭରେ ମୁଁ ନକଲି ଡାକ୍ତର,

ନକଲି ସାମ୍ବାଦିକ ଓ ନାଗରିକ ମାନଙ୍କ ଉପରେ ସ୍ତମ୍ଭ ଲେଖିଥିଲି ନକଲି ଡାକ୍ତର ଆଉ ଘରୋଇ କ୍ଲିନିକ୍? ଭରଷାରେ ଆମ ରାଜ୍ୟ ସ୍ୱାସ୍ଥ୍ୟ ସେବା,ସାମ୍ବାଦିକ ମାନଙ୍କ ଭିନ୍ନ ଏକ ରୂପ ଏବଂ ଉପକୂଳରୁ ଉପାନ୍ତ ମୁହାଁ ହଜାର ହଜାର ବଙ୍ଗଳାଦେଶୀ ଅନୁପ୍ରବେଶୀ।ସ୍ୱାସ୍ଥ୍ୟ ସମସ୍ୟା ହେଉ,

ଗଣମାଧ୍ୟମର ସ୍ୱଚ୍ଛତା ବିଷୟ ହେଉ ଅବା ଅନୁପ୍ରବେଶ କିମ୍ବା ଶିକ୍ଷା ସମସ୍ୟା ଏହାର ସମାଧାନର ପ୍ରୟାସ ସରକାରୀ ଅବା ପ୍ରଶାସନିକ ସ୍ତରରେ ହେଉଥିବା ଦେଖା ଯାଉନାହିଁ।ଏସବୁ ସତ୍ତ୍ୱେ ସମସ୍ୟାକୁ ସାଧାରଣରେ ଉଜାଗର କରିବା ଏବଂ ସରକାର ଓ ପ୍ରଶାସନର ଦୃଷ୍ଟିକୁ ଆଣିବା ଆମର ପ୍ରମୁଖ କର୍ତ୍ତବ୍ୟ।ଏହି ପରିପ୍ରେକ୍ଷୀରେ ଅନ୍ୟ ଏକ ଗୁରୁତର ସମସ୍ୟା ବହୁ ବର୍ଷ ହେବ ଆମ ରାଜ୍ୟକୁ କର୍କଟ ଭଳି ଗ୍ରାସ କରି କରି ଚାଲିଛି। ତାହା ହେଉଛି ନକଲି ଶିକ୍ଷକ ସମସ୍ୟା।ନକଲି ଶିକ୍ଷକ ବିଷୟ ଶୁଣିବା ବେଳେ ଯେ କୌଣସି ବୁଦ୍ଧିଜୀବୀ କିମ୍ବା ଅଭିଭାବକ ସାଧାରଣତଃ ସ୍ତବଧ ହୋଇଯିବା ସ୍ୱାଭାବିକ।ଆମକୁ ଚିକିତ୍ସା କରୁଥିବା ଡ଼ାକ୍ତର ନକଲି ବୋଲି ଜାଣି ଆମେ ହଠାତ୍? ଆଶ୍ଚର୍ଯ୍ୟ ଚକିତ ହେଉଥିବା ବେଳେ ଏବେ ଆମ ପିଲାଙ୍କୁ ପାଠ ପଢ଼ାଉଥିବା ଶିକ୍ଷକ ଜଣକ ନକଲି ବୋଲି ଜାଣିଲେ ଆମ ପାଦ ତଳୁ ମାଟି ଖସିଗଲା ଭଳି ଲାଗିବା ଅସମ୍ଭବ ନୁହେଁ।ଶୁଣିବାକୁ ମିଳୁଛି ରାଜ୍ୟ ସାରା ମାଳମାଳ ନକଲି ଶିକ୍ଷକ ଛାଇ ଯାଇଛନ୍ତି। ଉପକୂଳରୁ ଉପାନ୍ତ ଯାଏ ସରକାରୀ ଚାକିରୀରେ ଏବଂ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ଭାବେ ଏମାନେ ଅବସ୍ଥାପିତ।କିଏ ସ୍ନାତକ ଶିକ୍ଷାଗତ ଯୋଗ୍ୟତାରେ ତ କିଏ ବିଏଡ଼ ତାଲିମ ପ୍ରମାଣ ପତ୍ର,ଦିବ୍ୟାଙ୍ଗ ଓ ଜାତିଗତ ପ୍ରମାଣ ପତ୍ରରେ ଜାଲିଆତି କରି ଚାକିରି ହାତେଇଥିବା ଶୁଣିବାକୁ ମିଳୁଛି।କେତକ ନକଲି ଶିକ୍ଷକ ସେମାନଙ୍କ କାର୍ଯ୍ୟକାଳ ଶେଷକରି ପ୍ରଶାସନ କୃପାରୁ ଅବସର ନେଇ ସାରିଥିବା କଥା ମଧ୍ୟ ଶୁଣିବାକୁ ମିଳୁଛି।ଏ ବିଷୟରେ କିଛି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରଘଟ ହେବା କ୍ଷଣି ସେ ସମୟରେ ସରକାରଙ୍କ ମୁଣ୍ଡରେ ଚେତା ପଶିଥିଲା।ପରେ ସରକାର ନକଲି ଶିକ୍ଷକ ନିଯୁକ୍ତି ବିଷୟକ ଖବରର ସତ୍ୟାସତ୍ୟ ଜାଣିବା ପାଇଁ ଗଣଶିକ୍ଷା ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଇ ତାଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ରାଜ୍ୟବାସୀଙ୍କ ସମ୍ମୁଖରେ ରଖିଥିଲେ।ଧର୍ମକୁ ଆଖି ଠାର ମାରିଲା ଭଳି ଗଣଶିକ୍ଷା ବିଭାଗର ଅଧିକାରୀମାନେ କିଛିଦିନ ଶିକ୍ଷାଗତ ପ୍ରମାଣ ପତ୍ର ଯାଞ୍ଚ ନାଁରେ କସରତ ଆରମ୍ଭ କଲେ।ତଦନ୍ତ କଣ ହେଲା,

କେବେ ସରିଲା କି ନାହିଁ କାହାକୁ କିଛି ଜଣା ପଡିଲା ନାହିଁ।ଯଦି ତଦନ୍ତ ସରିଛି,ତଦନ୍ତର ନିଷ୍କର୍ଷ କଣ ବାହାରିଲା,କେତେ ନକଲି ଧରା ପଡିଲେ, ନା ନିଯୁକ୍ତିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଥିଲା,ଶହେକୁ ଶହେ ଅସଲି ସୁନା ମୁଣ୍ଡା ଶିକ୍ଷକ ଥିଲେ,ତାର ଟେର କେହି ବି କିଛି ପାଇଲେ ନାହିଁ,ଶେଷରେ କାର୍ଯ୍ୟାନୁଷ୍ଠାନ କଣ ହେଲା ତାହା ତତ୍କାଳୀନ ସରକାର ଓ ବିଭାଗକୁ ଜଣା ଥିବା ପରେ ୨୦୧୮ରେ ଶିକ୍ଷା ସହାୟକ ଚାକିରି ପାଇଥିବା ଅନେକ ଶିକ୍ଷକ ମାନଙ୍କ ଚାକିରି ନିୟମିତ ହେବାର ପ୍ରକ୍ରିୟା ଆରମ୍ଭ ହେଲା।ନିୟମାନୁସାରେ ଚାକିରି ନିୟମିତ କରିବା ପୂର୍ବରୁ ଶିକ୍ଷାଗତ ସ୍ନାତକ ଯୋଗ୍ୟତା,ବିଏଡ୍? ତାଲିମ ପ୍ରମାଣପତ୍ର ସହ,ଜାତିଗତ ଏବଂ ଦିବ୍ୟାଙ୍ଗ ପ୍ରମାଣପତ୍ରର ଯାଞ୍ଚ ସବୁ ଜିଲ୍ଲାରେ ରୀତିମତ ଚାଲିଲା।ବୋଧହୁଏ ସେତେବେଳର ଯାଞ୍ଚ ସମୟରେ ବି ଅସଲି ନକଲି ବିଷୟରେ ବିଶେଷ କିଛି ଜଣା ପଡିଲା ନାହିଁ।ସେ ସମୟରେ ଶୁଣାଗଲା ଜାଣିଶୁଣି ବିଭାଗୀୟ ଅଫିସରମାନେ ଜାଞ୍ଚରେ ବ୍ୟାପକ ଅନିୟମିତତା କରିଛନ୍ତି। ଯେଉଁ ବିଭାଗୀୟ ଅଧିକାରୀ ପ୍ରଲୋଭନରେ ନକଲି ପ୍ରମାଣ ପତ୍ରକୁ ଅସଲି ଦର୍ଶାଇ ସେ ସମୟର ପ୍ରାର୍ଥୀ ମାନଙ୍କୁ ଶିକ୍ଷକ ଚାକିରି ଦେଇଛନ୍ତି,

ସେମାନଙ୍କ ମଧ୍ୟରୁ ଯଦି କାହାରିକୁ ଯାଞ୍ଚ ଦାୟିତ୍ୱ ଦିଆଯାଇଥାଏ,ତେବେ ଫଳ ଯାହା ମିଳିବା କଥା ଠିକ ସେଇଆ ମିଳିଲା ବୋଲି କଥା ଉଠିଲା। କଥାରେ ଅଛି ତୁ ଗୁହାରୀ କରିବୁ ଯାହାକୁ, ମୁଁ ଗେରସ୍ତ କରିଛି ତାହାକୁ ଏଠି କାର୍ଯ୍ୟାନୁଷ୍ଠାନର ପ୍ରଶ୍ନ ଉଠିବ କେମିତି।ସେ ସମୟରେ ଜାଲ ପ୍ରମାଣ ପତ୍ରରେ ଚାକିରି ହାତେଇ ଥିବାର ରୋଚକ ଖବର ମାନ ବିଭିନ୍ନ ଖବର କାଗଜ ମାନଙ୍କରେ ରୀତିମତ ବାହାରୁଥାଏ।ସାରା ରାଜ୍ୟରେ ନକଲି ଶିକ୍ଷକ ମାନଙ୍କ ଚାକିରୀକୁ ନେଇ ଅନେକ କଥା ଶୁଣିବାକୁ ମିଳୁଥିଲା।ସରକାରଙ୍କ ସ୍ୱଚ୍ଛତା ଉପରେ ଅନେକ ପ୍ରଶ୍ନ ଉଠିଥିଲା।ଅନ୍ୟପଟେ ଅସଲି ପ୍ରମାଣ ପତ୍ରରେ ଚାକିରି ପାଇଥିବା ଶିକ୍ଷକ ମାନଙ୍କୁ ମଧ୍ୟ ସାଧାରଣରେ ସନ୍ଦେହ ଦୃଷ୍ଟିରେ ଦେଖିବାକୁ ଲାଗିଲେ।ଧୁଆ ମୂଳା,ଅଧୁଆ ମୂଳା ଭିତରେ ପ୍ରଭେଦ ଦେଖିବା ପରିସ୍ଥିତିରେ କେହି ନଥିଲେ।ଧିରେ ଧିରେ ଏହାର ପ୍ରଭାବ ବିଦ୍ୟାଳୟ ଶିକ୍ଷା ଦାନ ଉପରେ ପଡୁଥିବା ଦେଖିବାକୁ ମିଳିଲା।ଫଳରେ ପ୍ରମାଣପତ୍ର ଯାଞ୍ଚର ନିରପେକ୍ଷତାକୁ ନେଇ ସନ୍ଦେହ ଦିନକୁ ଦିନ ଦୃଢୀଭୂତ ହେବାରେ ଲାଗିଥିଲା।ପରେ ତତ୍କାଳୀନ ତଦନ୍ତକୁ ନେଇ ବିଭାଗୀୟ ସଚିବ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ କାଳ ବିଳମ୍ବ ନକରି ସମସ୍ତ ପ୍ରମାଣ ପତ୍ର ଯାଞ୍ଚ ପାଇଁ ପୁନଃ ନିର୍ଦ୍ଦେଶ ଦେଇଥିବା ଶୁଣିବାକୁ ମିଳିଲା।ଯାଞ୍ଚରେ ପ୍ରମାଣ ପତ୍ର ନକଲି ମିଳିଲେ ସଂପୃକ୍ତ ଜାଲି ଶିକ୍ଷକ ମାନଙ୍କୁ ଧରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ମଧ୍ୟ ବିଭାଗ ତରଫରୁ ଆସିଥିବା ଜଣା ପଡିଥିଲା।ରାଜ୍ୟରେ ଗଣଶିକ୍ଷା ବିଭାଗର କଡା ଆଭିମୁଖ୍ୟ ପରେ ଏହି ଜାଲିଆତି କାଣ୍ଡକୁ ନେଇ ସମସ୍ତ ଜିଲ୍ଲା ଅଧିକାରୀ ଯେପରି ତତ୍ପର ହୋଇ ଉଠିଲେ।ପ୍ରତ୍ୟେକ ଜିଲ୍ଲାର ଶିକ୍ଷାଧିକାରୀ(ଡିଇଓ),

ବ୍ଲକ ଶିକ୍ଷାଧିକାରୀ(ବିଇଓ)

ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତି ବ୍ଲକ ଓ ଜିଲ୍ଲା ସଦର ମହକୁମାରେ ଚାଲିଲା ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା।ଦିନ ପରେ ଦିନ ଗଡି ଚାଲିଥାଏ।ସତେ ଯେପରି ସତୀତ୍ୱ ପରୀକ୍ଷାରେ ଚାଲିଥାଏ ଭିତିରି ସଲାସୁତୁରା ବୋଲି କେହି କେହି ଟିପଣି ଦେଉଥିଲେ।କାର୍ଯ୍ୟାଳୟରେ ଶିକ୍ଷକ ମାନଙ୍କ ଅସମ୍ଭବ ଭିଡ ଦେଖିବାକୁ ମିଳୁଥିଲା।ତଦନ୍ତ ପ୍ରକ୍ରିୟାରେ ଆନ୍ତରିକତା ଥିବା ଭଳି ଲାଗୁନଥିଲା। ଯାଞ୍ଚକୁ ନେଇ ଅନେକ ପ୍ରଶ୍ନ ଉଠୁଥାଏ।କେହି କେହି କହୁଥିବା ଶୁଣିବାକୁ ମିଳୁଥିଲା ଆଜିକାଲି ଚାକିରି ସବୁ ନିଲାମ ହେଉଛି,ଯୋଗ୍ୟ ପାର୍ଥିକୁ ଚାକିରି ମିଳିବା ଏଠାରେ ସ୍ୱପ୍ନ।ଏହା ମଧ୍ୟ ଶୁଣା ଯାଇଥିଲା ଶିକ୍ଷକ ମାନଙ୍କ ପ୍ରମାଣପତ୍ର ଯାଞ୍ଚ ସମୟରେ ଶିକ୍ଷାଗତ ଯୋଗ୍ୟତାକୁ ହିଁ ଯାଞ୍ଚ ପରିସର ଭୁକ୍ତକୁ ନେଇ ଯାଞ୍ଚ ଚାଲିଥିଲା। ବିଏଡ ତାଲିମ ଅବା ଜାତି ଓ ଦିବ୍ୟାଙ୍ଗ ପ୍ରମାଣ ପତ୍ରର ଜାଞ୍ଚକୁ ଆଦୌ ଗୁରୁତ୍ୱ ଦିଆଯାଇ ନଥିଲା।ଗଣମାଧ୍ୟମ ସୂଚନା ଅନୁଯାୟୀ ସେ ସମୟରେ ଉପାନ୍ତ ଅଞ୍ଚଳ ରାୟଗଡ଼ା ଜିଲ୍ଲାର ଯାଞ୍ଚ ସମୟରେ ୭୨ଜଣ ଶିକ୍ଷକଙ୍କ ଶିକ୍ଷାଗତ ଓ ତାଲିମ ପ୍ରମାଣ ପତ୍ର ସନ୍ଦେହ ଘେରକୁ ଆସିବାରୁ ୧୨ ଜଣଙ୍କୁ ଚାକିରିରୁ ତୁରନ୍ତ ବହିଷ୍କୃତ କରାଯାଇଥିବା ବେଳେ ୧୯ ଜଣଙ୍କ ପ୍ରମାଣ ପତ୍ରର ସତ୍ୟତା ଜାଣିବା ପାଇଁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ସ୍ଥିତ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ପ୍ରମାଣ ପତ୍ରର କପି ସହ ପ୍ରତି ପ୍ରମାଣପତ୍ର ଯାଞ୍ଚ ପିଛା ଏକ ହଜାର ଟଙ୍କାର ଫି ମଧ୍ୟ ପଠା ଯାଇଥିଲା।ଅବଶିଷ୍ଟ ୫୩ଜଣ ଶିକ୍ଷକମାନଙ୍କ ପ୍ରମାଣ ପତ୍ର ଉତ୍ତର ପ୍ରଦେଶ,ପଶ୍ଚିମବଙ୍ଗ,ଆସାମ,କାଶ୍ମୀର,

ଛତିଶଗଡ଼,ବିହାର,ମଧ୍ୟପ୍ରଦେଶ ଆଦି ବିଭିନ୍ନ ରାଜ୍ୟର ବିଶ୍ୱବିଦ୍ୟାଳୟ ମାନଙ୍କରୁ ଆଣି ଚାକିରି ପାଇଁ ପ୍ରଦାନ କରା ଯାଇଥିବା ପ୍ରମାଣରୁ ଜଣା ପଡ଼ିବା ପରେ ସେସବୁ ବିଦ୍ୟାଳୟକୁ ମଧ୍ୟ ଯାଞ୍ଚ ପାଇଁ ପ୍ରମାଣ ପତ୍ର କପି ପଠାଇବାକୁ ପଦକ୍ଷେପ ନିଆ ଯାଇଥିଲା।ଦୁଇ ଦୁଇ ଥର ପ୍ରମାଣପତ୍ର ଯାଞ୍ଚ ହୋଇଥିଲେ ମଧ୍ୟ ପ୍ରତିଥର ନକଲି ଶିକ୍ଷକ ମାନଙ୍କ କଳା କାରନାମା ପଦାକୁ ଆସୁଥିବା କାରଣରୁ ଯାଞ୍ଚ ପ୍ରକ୍ରିୟାକୁ ନେଇ ସନ୍ଦେହ ଅନେକ ଦୃଢ଼ୀଭୂତ ହେଉଥିଲା।ସାଧାରଣରେ ପ୍ରଶ୍ନ ଉଠୁଛି,ଯଦି ଏହି ନକଲି ଶିକ୍ଷକ ମାନଙ୍କ ସମସ୍ତ ପ୍ରମାଣ ପତ୍ର ପ୍ରଥମରୁ ସଠିକ ଭାବେ ଯାଞ୍ଚ ହୋଇ ସେମାନଙ୍କୁ ଚାକିରି ମିଳିଥିଲା ତେବେ ପରବର୍ତ୍ତୀ ଯାଞ୍ଚ ସମୟରେ ଏତେ ସଂଖ୍ୟକ ନକଲି ଶିକ୍ଷକ ସେମାନଙ୍କ ମଧ୍ୟରୁ ବାହାରିଛନ୍ତି କିପରି? ନିଯୁକ୍ତି ସମୟରେ ଗଣଶିକ୍ଷା ବିଭାଗର କିଛି ତତ୍କାଳୀନ ଅଧିକାରୀମାନେ ନକଲି ପ୍ରମାଣ ପତ୍ରଧାରି ପାର୍ଥୀ ମାନଙ୍କୁ ଶିକ୍ଷକ ନିଯୁକ୍ତି ଦେଇ ବ୍ୟାପକ ଅର୍ଥ ହେରାଫେରି କରିଥିବା ମନେ ହେଉନାହିଁ କି?ଯାହା ଫଳରେ ସେ ସମୟରେ ଶିକ୍ଷକ ପଦବୀ ପାଇଁ ଆବେଦନ କରିଥିବା ଅନେକ ଯୋଗ୍ୟ ଆଶାୟୀ ମାନଙ୍କ ଭାଗ୍ୟ ଓ ଭବିଷ୍ୟତ ପ୍ରତି ଘୋର ଅବିଚାର ହୋଇଥିବା ସ୍ପଷ୍ଟ ହୋଇଛି। କମଳରୁ ତ୍ରୁଟି ବାଛିବା ଯାହା ଆଜିକାଲି ଶିକ୍ଷକ ଚାକିରୀରେ ନକଲି ଅସଲି ବାଛିବା ମଧ୍ୟ ସେଇଆ ହୋଇ ଯାଇଥିବା ମନେହୁଏ।ଏସବୁ ଜାଣିଲା ପରେ ଜଣେ ଯୋଗ୍ୟ ଆଶାୟୀ କିପରି ସରକାର ଓ ବିଭାଗୀୟ ନିଯୁକ୍ତି ପ୍ରକ୍ରିୟା ଉପରେ ସହଜରେ ବିଶ୍ୱାସ ରଖିବ।ଆଜିବି ଶୁଣିବାକୁ ମିଳୁଛି ସେତେବେଳର ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀ ମାନଙ୍କ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ନଥିଲା।ଯାହା ଫଳରେ ତଦନ୍ତ ବାଟବଣା ହେବା ସହିତ ବିଭିନ୍ନ ରାଜ୍ୟର ବିଶ୍ୱବିଦ୍ୟାଳୟ ମାନଙ୍କୁ ପଠାଯାଇଥିବା ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ରିପୋର୍ଟ ଏପର୍ଯ୍ୟନ୍ତ ଆସିଛି କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ ଅଛି।ଯଦି ଆସିଥାଏ,ତେବେ ସତ୍ୟ ରିପୋର୍ଟକୁ ସାଧାରଣରେ ପ୍ରକାଶ କରିବା ଉଚିତ।ଅନ୍ୟଥା ସନ୍ଦେହର ବାତାବରଣ ବିଦ୍ୟାଳୟ ସହିତ ଅବିଭାବକ ମାନଙ୍କ ମନରେ କୁହେଳିକା ସୃଷ୍ଟି କରି ଚାଲିଥିବ।ଯଦି ନକଲି ପ୍ରମାଣ ପତ୍ରର ପ୍ରମାଣ ମିଳିଛି,

ତେବେ ସମଗ୍ର ରାଜ୍ୟରେ ଜାଲ ପ୍ରମାଣ ପତ୍ର ଆଧାରରେ କେତେଜଣ ନକଲି ଶିକ୍ଷକ ଚାକିରୀ ପାଇଥିଲେ ତାହା ସାର୍ବଜନୀନ ହେବା ଉଚିତ୍? ନୁହେଁ କି?ଚାକିରି ପ୍ରଦାନ ପୂର୍ବରୁ କେଉଁ ବିଭାଗୀୟ ଅଧିକାରୀ ସେମାନଙ୍କ ନକଲି ପ୍ରମାଣ ପତ୍ର ଗୁଡ଼ିକ ଜାଞ୍ଚକରି ଅସଲି ଦର୍ଶାଇଥିଲେ,

ସେମାନଙ୍କୁ ପର୍ଦ୍ଦା ଫାର୍ସ କରିବା ଉଚିତ୍? ନୁହେଁ କି? ନକଲି ଶିକ୍ଷକ ନିଯୁକ୍ତି ଓ ଲାଞ୍ଚ କାରବାରରେ କିଏ କିଏ ସଂପୃକ୍ତ ଥିଲେ? ଜିଲ୍ଲା ଓ ବ୍ଲକ ସ୍ତରରେ ଯାଞ୍ଚ ସମୟରେ ସ୍ୱଚ୍ଛତା ଥିଲାକି ନାହିଁ?ବିଏଡ ତାଲିମ,ଜାତିଗତ ଓ ଦିବ୍ୟାଙ୍ଗ ପତ୍ର ଯାଞ୍ଚ ହୋଇଥିଲା କି ନାହିଁ? ଏସବୁ ତଦନ୍ତ ପରେ ବିଭାଗୀୟ ସ୍ୱଚ୍ଛତାକୁ ସ୍ପଷ୍ଟ କରିବାର ଥିଲା।।ଅନ୍ୟ ପକ୍ଷରେ ତଦନ୍ତ ଯଦି ସବୁ ସରିଛି ତେବେ କାର୍ଯ୍ୟାନୁଷ୍ଠାନ କଣ ନିଆଯାଇଛି।ଶୁଣିବାକୁ ମିଳୁଛି ତଦନ୍ତ ରିପୋର୍ଟ ଶୀତଳ ଭଣ୍ଡାରରେ ରହିଛି।ଆଉ ଏସବୁ ନକଲି ଶିକ୍ଷକ ଯାଞ୍ଚ ପ୍ରକ୍ରିୟା ସଲା କୁସ୍ତି ଭଳି ପ୍ରତ୍ୟୟମାନ ହେଉଛି।ଆଜିକୁ ଦୁଇବର୍ଷ ହେବ ତତ୍କାଳୀନ ସରକାର ବଦଳି ଗଲେଣି।ପ୍ରଶାସନିକ ସ୍ତରରେ ଅନେକ ପରିବର୍ତ୍ତନ ହୋଇଛି।ସେତେବେଳେ ବିରୋଧି ଦଳରେ ଥିବା ଦଳ ଆଜି ସରକାରରେ ଅଛନ୍ତି।ସେମାନଙ୍କୁ ଏ ବିଷୟରେ ନିଶ୍ଚୟ ଅବଗତ ଥିବା।ହେଲେ ଶାସନ କାର୍ଯ୍ୟକାଳ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ନକଲି ପ୍ରମାଣପତ୍ର ଧାରି ଶିକ୍ଷକ ମାନଙ୍କ ପର୍ଦ୍ଦା ଫାର୍ସ ହୋଇ ନପରିବା ଦୁଃଖର କଥା।ବିଶେଷକରି ସାଧାରଣ ଜନତା ଓ ଅବିଭାବକ ମାନଙ୍କ ସନ୍ଦେହ ଦୃଷ୍ଟିରୁ ତଦନ୍ତ ରିପୋର୍ଟ ସାର୍ବଜନୀନ ହେବା ଉଚିତ।ନକଲି ଶିକ୍ଷକ ନିଯୁକ୍ତିରେ ବ୍ୟାପକ ହେରାଫେରି,ଯାଞ୍ଚରେ ଅନିୟମିତା।ଏବଂ ବିଦ୍ୟାଳୟର ସ୍ୱଚ୍ଛ ଶୈକ୍ଷଣୀୟ ବାତାବରଣକୁ ବିଚାରକୁ ନେଇ ଯଦି ଏବେର ସରକାର ଏହି ତଦନ୍ତକୁ ସିବିଆଇ,ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ଦ୍ୱାରା କରାନ୍ତେ ତେବେ ଅନେକ ରହସ୍ୟର ଉନ୍ମୋଚନ ହେବା ସହ କମଳରୁ ୯୦ ଭାଗ ତ୍ରୁଟି ବୋଧେ ଉପୁଡ଼ି ଯାଆନ୍ତା।ହୁଏତ ଆମ ରାଜ୍ୟର ଅନେକାଂଶରେ ଶିକ୍ଷକ ମରୁଡି ପଡ଼ି ଯାଆନ୍ତା।ଅଧିକାଂଶ ବୁଦ୍ଧିଜୀବୀ ମାନଙ୍କ କହିବା ଅନୁସାରେ ନକଲି ମାନଙ୍କ ଚେର ଉପାଡ଼ିବାରେ ଗଣଶିକ୍ଷା ବିଭାଗ ପୂର୍ବରୁ ସମ୍ପୂର୍ଣ୍ଣ ବିଫଳ ହୋଇଛି,

ବିଭାଗର ଶୁଦ୍ଧି କରଣ ନିହାତି ଆବଶ୍ୟକ ହୋଇ ପଡ଼ିଛି।ସରକାର ଦୃଷ୍ଟିଦେଲେ ଶିକ୍ଷା ବିଭାଗର ଅନେକ ସଂସ୍କାର ଆସିବ।ଅନ୍ୟଥା ନକଲି ମାନଙ୍କ ହାତରେ ଆମ ସମାଜ ଦିଗଭ୍ରଷ୍ଟ ହୋଇଯିବ।ଆମ ଭବିଷ୍ୟତ ବଂଶଧର ମାନଙ୍କ ଭାଗ୍ୟ ଅନ୍ଧକାର ମଧ୍ୟରେ ଲୀନ ହୋଇଯିବ।

**ମନୋରଞ୍ଜନ ଦଳାଇ**
**(ବରିଷ୍ଠ ସାମ୍ବାଦିକ)**
**ମୁନିଗୁଡ଼ା,ରାୟଗଡ଼ା**

# ସମ୍ପାଦକୀୟ

THE BIPLABI PARIKRAMA
ବିପ୍ଳବୀ ପରିକ୍ରମା

## ବାରମ୍ବାର ବନ୍ୟାର ଆହ୍ୱାନ, ଜଳବାୟୁ ପରିବର୍ତ୍ତନ ଓ ଓଡ଼ିଶାର ଭବିଷ୍ୟତ ରଣନୀତି

ବଙ୍ଗୋପସାଗରରେ ସୃଷ୍ଟ ସକ୍ରିୟ ଗଭୀର ଅବପାତ ଦୀଘା ପାଖାପାଖି ସ୍ଥଳଭାଗ ଅତିକ୍ରମ କରିବା ପରେ ଉତ୍ତର ଓଡ଼ିଶା, ବିଶେଷ କରି ବାଲେଶ୍ୱର ଜିଲ୍ଲାରେ ତାଣ୍ଡବ ରଚିଛି। ଭାରତୀୟ ପାଣିପାଗ ବିଭାଗ ର ରେକର୍ଡ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ସଦର ଅଞ୍ଚଳରେ ୨୪୬.୬ ମିଲିମିଟର (ପ୍ରାୟ ୨୪.୬ ସେମି) ଏବଂ ନୀଳଗିରି ସହର ଓ ଏହାର ଆଖପାଖ ଅଞ୍ଚଳରେ ୨୩୯ ମିଲିମିଟରରୁ ଅଧିକ ଅତିପ୍ରବଳ ବର୍ଷା ରେକର୍ଡ କରାଯାଇଛି, ଯାହା ଚଳିତ ମୌସୁମୀ ଋତୁର ସବୁଠାରୁ ଭୟଙ୍କର ଚିତ୍ର। ଏହି ଅକଳନୀୟ ମେଘଭଙ୍ଗା ବର୍ଷା ଫଳରେ ସମଗ୍ର ବାଲେଶ୍ୱର ସହର ଓ ନୀଳଗିରି ବ୍ଲକର ବିସ୍ତୀର୍ଣ୍ଣ ନିମ୍ନାଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିବା ସହ କୃଷି, ଗମନାଗମନ ଓ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ସ୍ଥାଣୁ ହୋଇଯାଇଛି।

ବଙ୍ଗୋପସାଗରରେ କ୍ରମାଗତ ଭାବେ ସୃଷ୍ଟ ଗଭୀର ଅବପାତ ଓ ଜଳବାୟୁ ପରିବର୍ତ୍ତନର ସଂଘାତରେ ଓଡ଼ିଶା ଆଜି ପୁଣି ଏକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ, ଏହି ସଙ୍କଟ କେବଳ ଏକ ନିୟମିତ ପ୍ରାକୃତିକ ଆପଦ ନୁହେଁ, ବରଂ ଆମର ଦୀର୍ଘମିଆଦୀ ଯୋଜନା ଓ ପରିବେଶୀୟ ସନ୍ତୁଳନ ଉପରେ ଏକ ଗମ୍ଭୀର ପ୍ରଶ୍ନବାଚୀ। ଚଳିତ ମୌସୁମୀ ଋତୁରେ ଅସ୍ୱାଭାବିକ ଭାବେ ଅତିପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ ଜଗତସିଂହପୁର ଭଳି ଜିଲ୍ଲାଗୁଡ଼ିକରେ କ୍ରମାଗତ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ପ୍ରଜାଜୀବନ ଓ କୃଷି ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ କରିଦେଇଛି। ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ସ୍ପଷ୍ଟ ହୁଏ ଯେ, ବଙ୍ଗୋପସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରା ବୃଦ୍ଧି ପାଇବା ଫଳରେ କମ୍? ସମୟ ମଧ୍ୟରେ ଅତ୍ୟାଧିକ ବର୍ଷା ହେବାର ପ୍ରବୃତ୍ତି ବୃଦ୍ଧି ପାଉଛି, ଯାହା ଆମର ପାରମ୍ପରିକ ଜଳ ନିଷ୍କାସନ ପ୍ରଣାଳୀ ଓ ନଦୀଗୁଡ଼ିକର ଜଳଧାରଣ କ୍ଷମତାଠାରୁ ଯଥେଷ୍ଟ ଅଧିକ। ଅପରପକ୍ଷରେ, ବହୁମୁଖୀ ଜଳଭଣ୍ଡାରଗୁଡ଼ିକର ବୈଜ୍ଞାନିକ ରୁଲ୍? କଭପରିଚାଳନାରେ ସମନ୍ୱୟର ଅଭାବ, ନଦୀଶଯ୍ୟାରେ କ୍ରମାଗତ ଭାବେ ପାଟୁ ଜମି ନଦୀର ଗଭୀରତା ହ୍ରାସ ପାଇବା, ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ ଏବଂ ପ୍ରାକୃତିକ ଜଳାଶୟଗୁଡ଼ିକର ଜବରଦଖଲ ଏହି ବନ୍ୟାର ଭୟାବହତାକୁ ଦ୍ୱିଗୁଣିତ କରୁଛି। କେବଳ ଜରୁରୀକାଳୀନ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସୀମିତ ନରହି ଓଡ଼ିଶାକୁ ଏବେ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ପଡ଼ିବ ଯେଉଁଥିରେ ନଦୀଗୁଡ଼ିକର ନିୟମିତ ଖନନ, ଆଧୁନିକ ଉପଗ୍ରହ-ଭିତ୍ତିକ ସୂଚନା ବ୍ୟବସ୍ଥା ଦ୍ୱାରା ନଦୀଚର ଅଞ୍ଚଳରେ ଆଗୁଆ ସାବଧାନତା, ବ୍ୟାପକ ସାମୁଦ୍ରିକ ଓ ନଦୀକୂଳିଆ ବୃକ୍ଷରୋପଣ ଏବଂ ବ୍ରହ୍ମଣୀ, ବୈତରଣୀ ଓ ସୁବର୍ଣ୍ଣରେଖା ଅବବାହିକାରେ ନୂତନ ଜଳ ସଞ୍ଚୟ ଭଣ୍ଡାର ନିର୍ମାଣ ଅନ୍ତର୍ଭୁକ୍ତ ହେବା ଉଚିତ୍। ଜଳବାୟୁ ପରିବର୍ତ୍ତନର ଏହି ଆହ୍ୱାନକୁ ସାମ୍ନା କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଦୀର୍ଘମିଆଦୀ ଆସିସ ସହଯୋଗ, ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଭାଗିତାରେ ନୀତି ନିର୍ଦ୍ଧାରଣ କରାଗଲେ ଯାଇ ଓଡ଼ିଶାକୁ ବାରମ୍ବାର ବନ୍ୟା ଓ କ୍ଷୟକ୍ଷତିରୁ ସ୍ଥାୟୀ ଭାବେ ମୁକ୍ତ କରାଯାଇପାରିବ। ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଓ କ୍ରମାଗତ ଲଘୁଚାପ ଜନିତ ମୁଷଳଧାରା ବର୍ଷା ପ୍ରଭାବରେ ଆଜି ପୁଣି ଓଡ଼ିଶା ବନ୍ୟାର ଭୟଙ୍କର ସଙ୍କଟ ସମ୍ମୁଖୀନ ହୋଇଛି, ଯାହା ରାଜ୍ୟର ସାମାଜିକ, ଅର୍ଥନୈତିକ ଓ କୃଷି ଭିତ୍ତିଭୂମିକୁ ଗଭୀର ଭାବେ ପ୍ରଭାବିତ କରିଛି। ଉତ୍ତର ଓଡ଼ିଶାର ସୁବର୍ଣ୍ଣରେଖା, ବୈତରଣୀ, ବୁଢ଼ାବଳଙ୍ଗ ଓ କଂସବାଂଶ ନଦୀଠାରୁ ଆରମ୍ଭ କରି ମହାନଦୀ ଶାଖା ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁବର୍ଣ୍ଣପୁର, କଟକ, ଖୋର୍ଦ୍ଧା ଓ ସମ୍ବଲପୁର ଭଳି ବହୁ ପ୍ରମୁଖ ଜିଲ୍ଲାର ଶହ ଶହ ଗାଁକୁ ଜଳମଗ୍ନ କରିଦେଇଛି। ବିଶେଷ କରି ଭଦ୍ରକର ବାସୁଦେବପୁରରେ କଂସବାଂଶ ଓ ଗାଙ୍ଗେଇ ନଦୀର ଉଫାନ୍, ଯାଜପୁରର କାନୀ ନଦୀ କୂଳ ଭାଙ୍ଗିବା ଓ ବାଲେଶ୍ୱରର ନିମ୍ନାଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟ ବନ୍ୟା ଜଳ ପ୍ରବେଶ କରିବା ଫଳରେ ହଜାର ହଜାର ହେକ୍ଟର ଚାଷଜମି ନଷ୍ଟ ହେବା ସହ ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି, ଅପରପକ୍ଷରେ ମହାନଦୀର ଜଳସ୍ତର ବୃଦ୍ଧି ହେତୁ କଟକ ଜିଲ୍ଲାର ଐତିହାସିକ ଭଟ୍ଟାରିକା ମନ୍ଦିର ପୀଠରେ ଜଳ ପ୍ରବେଶ କରିବା ପ୍ରଶାସନ ଓ ଜନସାଧାରଣଙ୍କ ଚିନ୍ତା ବଢ଼ାଇ ଦେଇଛି। ପ୍ରଶାସନିକ ସ୍ତରରେ ଓଡ୍ରାଫ , ଏନଡିଆରଏଫ ଓ ଅଗ୍ନିଶମ ବାହିନୀକୁ ବ୍ୟାପକ ଭାବେ ନିୟୋଜିତ କରାଯାଇ ରିଲିଫ୍? ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିଲେ ବି ପ୍ରକୃତିର ଏହି ଆକସ୍ମିକ ରୋଷ ଆଗରେ ଭୌଗୋଳିକ ନିରାପତ୍ତା ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଣାଳୀ ଉପରେ ପୁନର୍ବିଚାର କରିବାର ଆବଶ୍ୟକତା ସୃଷ୍ଟି ହୋଇଛି। ପ୍ରତିବର୍ଷ ବର୍ଷାଦିନେ ନଦୀବନ୍ଧ ଭାଙ୍ଗିବା, ଜଳ ନିଷ୍କାସନ ବ୍ୟବସ୍ଥାରେ ଅବହେଳା ଏବଂ ନଦୀଶଯ୍ୟାରେ ପାଟୁ ପଡ଼ି ଜଳଧାରଣ କ୍ଷମତା ହ୍ରାସ ପାଇବା ଆମ ସ୍ଥାୟୀ ନୀତି ପ୍ରଣୟନର ଦୁର୍ବଳତାକୁ ଦର୍ଶାଉଛି ସେଥିପାଇଁ କେବଳ ତୁରନ୍ତ ରିଲିଫ ବଣ୍ଟନ ଓ ସ୍ଥାନାନ୍ତରଣରେ ସୀମିତ ନରହି ନଦୀବନ୍ଧଗୁଡ଼ିକର ସୁଦୃଢ଼ୀକରଣ, ଆଧୁନିକ ବନ୍ୟା ପୂର୍ବାନୁମାନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଜଳଭଣ୍ଡାରଗୁଡ଼ିକର ବୈଜ୍ଞାନିକ ପରିଚାଳନା ଏବଂ ଉପକୂଳବର୍ତ୍ତୀ ତଥା ନିମ୍ନାଞ୍ଚଳ ଗ୍ରାମଗୁଡ଼ିକ ପାଇଁ ସ୍ଥାୟୀ ବନ୍ୟା ନିରୋଧୀ ଭିତ୍ତିଭୂମି ନିର୍ମାଣ କରିବା ଆଜି ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଓଡ଼ିଶାରେ ଲଗାଣ ବର୍ଷା ଓ ବନ୍ୟା କେବଳ ଘରଦ୍ୱାର ଭାଙ୍ଗିନାହିଁ, ବରଂ ରାଜ୍ୟର ମେରୁଦଣ୍ଡ ସଦୃଶ କୃଷି ଅର୍ଥନୀତିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି ଯାହାର ପ୍ରଭାବ ଆଗାମୀ ବର୍ଷ ବର୍ଷ ଧରି ସାଧାରଣ ଖାଉଟି ଓ ଚାଷୀକୂଳ ଉପରେ ପଡ଼ିବ। ଉପକୂଳବର୍ତ୍ତୀ ତଥା ଉତ୍ତର ଓଡ଼ିଶାର ଲକ୍ଷ ଲକ୍ଷ ହେକ୍ଟର ଧାନ ଚାଷ ଓ ଅର୍ଥକରୀ ଫସଲ ସପ୍ତାହ ସପ୍ତାହ ଧରି ଜଳମଗ୍ନ ରହିବା ଫଳରେ ଚାଷୀମାନଙ୍କର ସମସ୍ତ ପରିଶ୍ରମ ଓ ପୁଞ୍ଜି ପାଣିରେ ମିଳାଇଯାଇଛି ଏବଂ ଋଣଯନ୍ତ୍ରଣାରେ ଥିବା କୃଷକମାନଙ୍କ ପାଇଁ ଏହା ଏକ ଅସହନୀୟ ବୋଝ ପାଲଟିଛି। ବନ୍ୟା ପରବର୍ତ୍ତୀ ସମୟରେ ବିପନ୍ନ ଅଞ୍ଚଳରେ ପାନୀୟ ଜଳର ଅଭାବ, ଗୋଖାଦ୍ୟ ସଙ୍କଟ ଓ ଜଳବାହିତ ରୋଗର ବ୍ୟାପକ ସମ୍ଭାବନା ଜନସ୍ୱାସ୍ଥ୍ୟ ପରିଚାଳନା ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିବା ବେଳେ ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଉଥିବା ଫସଲ ବୀମା ଓ କ୍ଷତିପୂରଣ ରାଶି ପ୍ରକୃତ କ୍ଷତିଗ୍ରସ୍ତଙ୍କ ନିକଟରେ ଠିକ୍? ସମୟରେ ପହଞ୍ଚିବା ନେଇ ସବୁବେଳେ ପ୍ରଶ୍ନବାଚୀ ସୃଷ୍ଟି ହୋଇଆସିଛି। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନର ଆବଶ୍ୟକତା କେବଳ ପଲିଥିନ୍? କିମ୍ବା ଶୁଖିଲା ଖାଦ୍ୟ ବଣ୍ଟନରେ ସୀମିତ ନରହି ଏକ ସ୍ୱତନ୍ତ୍ର କୃଷି ଥଇଥାନ ପ୍ୟାକେଜ୍? ଘୋଷଣା କରିବା ସହ ଉଜୁଡ଼ା ଫସଲର ତୁରନ୍ତ ଆକଳନ, ଚାଷୀଙ୍କ କୃଷି ଋଣ ଛାଡ଼ କିମ୍ବା ପୁନର୍ଗଠନ ଏବଂ ଆଗାମୀ ରବି ଫସଲ ପାଇଁ ମାଗଣାରେ ବିହନ ଓ ସାର ଯୋଗାଇଦେବା ଦିଗରେ ପ୍ରଶାସନିକ ତତ୍ପରତା ଅତ୍ୟନ୍ତ ଜରୁରୀ ଅଟେ। ଏଥିସହ, ଗ୍ରାମାଞ୍ଚଳରେ ଜୀବିକା ହରାଇଥିବା ଶ୍ରମିକମାନଙ୍କ ଦାଦନ ଖଟିବାକୁ ଯିବାର ପ୍ରକ୍ରିୟାକୁ ରୋକିବା ପାଇଁ ମନରେଗାଯୋଜନା ମାଧ୍ୟମରେ ନଷ୍ଟ ହୋଇଥିବା ଗ୍ରାମ୍ୟ ଭିତ୍ତିଭୂମିର ପୁନର୍ନିର୍ମାଣ ସହିତ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି କରାଗଲେ ଯାଇ ବିପର୍ଯ୍ୟୟର ଏହି କରାଳ ଗ୍ରାସରୁ ରାଜ୍ୟର ଅର୍ଥନୈତିକ ସ୍ଥିତିକୁ ପୁଣିଥରେ ସୁଦୃଢ଼ କରାଯାଇପାରିବ ଏବଂ ଏଥିପାଇଁ ଏକ ଦୀର୍ଘମିଆଦୀ ବିପର୍ଯ୍ୟୟ ପ୍ରଶମନ ଅର୍ଥନୈତିକ ପାଣ୍ଠି ବ୍ୟବସ୍ଥାକୁ ନିର୍ଦ୍ଦିଷ୍ଟ ଭାବେ ଅଧିକ କ୍ରିୟାଶୀଳ କରିବାର ସମୟ ଏବେ ଉପନୀତ ହୋଇଛି।

# କୋଭିଡ୍ ପରବର୍ତ୍ତୀ ବିଶ୍ୱ ଏବଂ ପରିବର୍ତ୍ତିତ ସରକାର

କୋଭିଡ୍-୧୯ ମହାମାରୀ ପରବର୍ତ୍ତୀ କାଳରେ ବିଶ୍ୱର ଅଧିକାଂଶ ଦେଶର ସରକାର କ୍ଷମତାଚ୍ୟୁତ ହୋଇଯାଇଛନ୍ତି। ମହାମାରୀ ଜନିତ ଅର୍ଥନୈତିକ ସଙ୍କଟ, ବର୍ଦ୍ଧିତ ମୁଦ୍ରାସ୍ଫୀତି, ପ୍ରାୟ ସମସ୍ତ ସେବା ଓ ସାମଗ୍ରୀର ଅହେତୁକମୂଲ୍ୟବୃଦ୍ଧି ଓ ସ୍ୱାସ୍ଥ୍ୟସେବା ପରିଚାଳନାରେ ବିଫଳତା କାରଣରୁ ସରକାରଙ୍କ ଉପରେ ଦେଶବାସୀ ଅସନ୍ତୁଷ୍ଟ ହୋଇ ରହିଥିଲେ।

ନିର୍ବାଚନ ସମୟ ଆସିବାରୁ ଶାସକ ଦଳ ବିରୁଦ୍ଧରେ ମତଦାନ କରି ନୂତନ ନେତୃତ୍ୱକୁ ଗ୍ରହଣ କରିବା ସପକ୍ଷରେ ମତଦାନ କରିଥିଲେ।

କୋଭିଡ୍ କାରଣରୁ ବିଶ୍ୱବ୍ୟାପୀ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବାରୁ ପ୍ରତ୍ୟେକ ଦେଶରେ ଖାଦ୍ୟ ଓ ପେଟ୍ରୋଲିୟମ୍ ତୈଳ ଦର ଅତ୍ୟଧିକ ବଢ଼ିଗଲା। ଜନସାଧାରଣ ଅନୁଭବ କଲେ ଯେ ମହାମାରୀ ସମୟରେ ତଥା ତା'ପରେ ସୃଷ୍ଟି ହୋଇଥିବା ସଙ୍କଟକୁ ତତ୍କାଳୀନ ଶାସକ ସରକାର ସଠିକ୍ ଭାବେ ସମ୍ଭାଳି ପାରିନାହାନ୍ତି।

କୋଭିଡ୍-୧୯ ପରବର୍ତ୍ତୀ ବିଶ୍ୱରେ ଜର୍ମାନୀ, ଆମେରିକା, ବ୍ରିଟେନ୍ ଏବଂ ଫ୍ରାନ୍ସ ଭଳି ଅନେକ ଶକ୍ତିଶାଳୀ ଓ ବିକଶିତ ଦେଶରେ ସରକାର ବଦଳିବାର ମୁଖ୍ୟ କାରଣ ହେଉଛି ମହାମାରୀ ଜନିତ ଅର୍ଥନୈତିକ ସଙ୍କଟ, ମୁଦ୍ରାସ୍ଫୀତି, ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ଏବଂ ଜଳବାୟୁ ଓ ଶକ୍ତି ନୀତିକୁ ନେଇ ସୃଷ୍ଟ ଜନଅସନ୍ତୋଷ ।

ମହାମାରୀ ସମୟରେ ଏହି ଦେଶଗୁଡ଼ିକ ବିପୁଳ ପରିମାଣର ଋଣ ଓ ଆର୍ଥିକ ପ୍ୟାକେଜ୍ ବାଣ୍ଟିଥିଲେ, ଯାହାର ପରିଣାମ ସ୍ୱରୂପ ପରବର୍ତ୍ତୀ ସମୟରେ ମହଙ୍ଗା ମାଡ଼ ଉଗ୍ରରୂପ ନେଇଥିଲା ଏବଂ ଜନସାଧାରଣ ଶାସକ ଦଳ ବିରୁଦ୍ଧରେ ମତଦାନ କରିଥିଲେ। ରୁଷ, ଚୀନ୍, ଉତ୍ତର କୋରିଆ ସମେତ କିଛି କମ୍ୟୁନିଷ୍ଟ ରାଷ୍ଟ୍ରରେ ଗଣତନ୍ତ୍ରର ରୂପ ଭିନ୍ନ ହୋଇଥିବାରୁ ମତଦାତାଙ୍କ ପ୍ରତିକ୍ରିୟା ନିର୍ବାଚନ ଫଳାଫଳରୁ ଜଣାଯାଏ ନାହିଁ ଏବଂ ଉଦାହରଣଯୋଗ୍ୟ ନୁହେଁ। ଏହି ପ୍ରବନ୍ଧରେ ଆମେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ, କିଛି ବିକଶିତ, କିଛି ବିକାଶଶୀଳ ତଥା ଭାରତର ପଡ଼ୋଶୀ ଦେଶର ଜନସାଧାରଣଙ୍କ ପ୍ରତିକ୍ରିୟା ଏବଂ ନିର୍ବାଚନ ଫଳାଫଳ ବିଷୟରେ ଆଲୋଚନା କରିବା।

ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱର ସର୍ବବୃହତ୍ ଅର୍ଥନୀତି ତଥା ଶକ୍ତିଶାଳୀ ଦେଶ ଭାବେ ଗୋଟିଏ ଶତାବ୍ଦୀ ଧରି ପରିଚିତି ହାସଲ କରି ଆସିଛି। କୋଭିଡ୍ ସଂକ୍ରମଣ କାଳରେ ରାଷ୍ଟ୍ରପତି ଥିଲେ ଡୋନାଲ୍ଡ ଟ୍ରମ୍ପ। ସେ ୨୦୨୦-୨୧ ନିର୍ବାଚନରେ ପରାଜିତ ହେଲେ ଏବଂ ଜାନୁଆରୀ ୨୦୨୧ରେ ଶାସନ କ୍ଷମତାକୁ ଆସିଲେ ଡେମୋକ୍ରାଟିକ୍ ଦଳର ଜୋ ବାଇଡେନ। ୨୦୨୪ରେ ଅନୁଷ୍ଠିତ ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ପୁନର୍ବାର ବିଜୟୀ ହୋଇ କ୍ଷମତାକୁ ଫେରିଥିଲେ। କୋଭିଡ୍ ପରବର୍ତ୍ତୀ ସମୟରେ ଆମେରିକାରେ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଓ କ୍ରମବର୍ଦ୍ଧିଷ୍ଣୁ ଜୀବନଧାରଣ ବ୍ୟୟ ଯୋଗୁଁ ସାଧାରଣ ଜନତା ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଅସନ୍ତୁଷ୍ଟ ଥିଲେ।

ଜୋ ବାଇଡେନ ସରକାରଙ୍କ ସମୟରେ ଆମେରିକାରେ ମୁଦ୍ରାସ୍ଫୀତି ଗତ ୪୦ ବର୍ଷର ସବୁଠାରୁ ଉଚ୍ଚ ସ୍ତରରେ ପହଞ୍ଚିଥିଲା । ପେଟ୍ରୋଲିୟମ୍, ଖାଦ୍ୟପେୟ ଏବଂ ଘରଭଡ଼ା ମୂଲ୍ୟ ଅତ୍ୟଧିକ ବୃଦ୍ଧି ପାଇବା ଯୋଗୁଁ ମଧ୍ୟବିତ୍ତ ପରିବାର ପ୍ରଭାବିତ ହୋଇଥିଲେ। ଏହି ଆର୍ଥିକ ନିରାଶା କାରଣରୁ ଭୋଟରମାନେ ପରିବର୍ତ୍ତନ ଚାହିଁଲେ ଏବଂ ଡୋନାଲ୍ଡ ଟ୍ରମ୍ପ ପୁନର୍ବାର ବିଜୟୀ ହେଲେ।

ଅନ୍ୟତମ ବିକଶିତ ଗଣତାନ୍ତ୍ରିକ ରାଷ୍ଟ୍ର ବ୍ରିଟେନ୍ (ୟୁନାଇଟେଡ୍ କିଙ୍ଗଡମ୍)ରେ କନଜରଭେଟିଭ୍ ପାର୍ଟିର ବୋରିସ୍ ଜନସନ ପ୍ରଧାନମନ୍ତ୍ରୀ ଥିଲେ। ସେ ସେପ୍ଟେମ୍ବର ୨୦୨୨ରେ ଇସ୍ତଫା ଦେବାକୁ ବାଧ ହେବାପରେ ଋଷି ସୁନକ ଦାୟିତ୍ୱ ନେଇଥିଲେ। ଦୀର୍ଘ ୧୪ ବର୍ଷର ଶାସନ ପରେ ୨୦୨୪ ନିର୍ବାଚନରେ କନଜରଭେଟିଭ୍ ପାର୍ଟି ଐତିହାସିକ ପରାଜୟ ବରଣ କଲା ଏବଂ ଲେବର ପାର୍ଟିର କିର୍ ଷ୍ଟାରମର୍ ପ୍ରଧାନମନ୍ତ୍ରୀ ହୋଇଥିଲେ। କୋଭିଡ୍ ଲକଡାଉନ୍ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନଙ୍କ ୩୯ପାର୍ଟିଗେଟ୍୩୯ ସ୍କାଣ୍ଡାଲ୍ (କୋଭିଡ୍ ନିୟମ ଭାଙ୍ଗି ଭୋଜି କରିବା) ଜନ ଅସନ୍ତୋଷ ବଢ଼ାଇଥିଲା । ଏହା ସହ ପରବର୍ତ୍ତୀ ସମୟରେ ଦେଶରେ ୧୧ପ୍ରତିଶତ ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ବୃଦ୍ଧି ପାଇବା ଏହାର ମୁଖ୍ୟ କାରଣ ଥିଲା। ଏହା ବ୍ୟତୀତ ବ୍ରେକ୍ସିଟ ଏବଂ କୋଭିଡ୍ ପରବର୍ତ୍ତୀ ମହଙ୍ଗା ମାଡ଼ ଯୋଗୁଁ ଦେଶର ସ୍ୱାସ୍ଥ୍ୟସେବା ଭାଙ୍ଗି ପଡ଼ିଥିଲା, ଯାହା କନଜରଭେଟିଭ୍ ପାର୍ଟିର ପତନର କାରଣ ସାଜିଥିଲା।

ଜର୍ମାନୀରେ ଅନୁଷ୍ଠିତ ୨୦୧୭ ନିର୍ବାଚନରେ ଶାସକ ଦଳ ବିଜୟ ଲାଭ କରି କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିଥିଲା। ତତ୍କାଳୀନ ଚାନ୍ସେଲର ଆଞ୍ଜେଲା ମର୍କେଲଙ୍କ ନେତୃତ୍ୱରେ ଶାସକଦଳର ମେଣ୍ଟ ସର୍ବାଧିକ ଆସନ ଜିତି ସରକାର ଗଠନ କରିଥିଲେ । କିନ୍ତୁ, କୋଭିଡ୍ ପରେ ଅନୁଷ୍ଠିତ ୨୦୨୧ ନିର୍ବାଚନରେ ଶାସକ ମେଣ୍ଟର ପରାଜୟ ହୋଇଥିଲା ଏବଂ ବିରୋଧୀ ଦଳ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଓଲାଫ୍ ସ୍କୋଲ୍ଜଙ୍କ ନେତୃତ୍ୱରେ ବିଜୟୀ ହୋଇ ନୂତନ ସରକାର ଗଠନ କରିଥିଲା। ପରବର୍ତ୍ତୀ କାଳରେ ଓଲାଫ୍ ସ୍କୋଲ୍ଜଙ୍କ ଶାସକ ମେଣ୍ଟ ଭାଙ୍ଗିଯିବା ପରେ ୨୦୨୫ ଫେବୃଆରୀରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହୋଇଥିଲା । ଏଥିରେ ଫ୍ରିଡ୍ରିଚ୍ ମେର୍ଜଙ୍କ ନେତୃତ୍ୱରେ ୨୦୨୧ରେ କ୍ଷମତାଚ୍ୟୁତ ହୋଇଥିବା ମେଣ୍ଟ ବିଜୟୀ ହୋଇଥିଲା ।

କୋଭିଡ୍ ପରେ ଋଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ଜର୍ମାନୀକୁ ଶସ୍ତାରେ ଋଷ ଯୋଗାଉଥିବା ପେଟ୍ରୋଲିୟମ୍ ଗ୍ୟାସ୍ ମିଳିବା ବନ୍ଦ ହୋଇଗଲା । ଏହା ଦେଶର ଉତ୍ପାଦନ କ୍ଷେତ୍ର ଓ ବଡ଼ ବଡ଼ କାରଖାନାକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଥିଲା, ଯାହା ଅର୍ଥନୀତିକୁ ମାନ୍ଦାବସ୍ଥା ଆଡ଼କୁ ନେଇଗଲା। ଗଠବନ୍ଧନର ଘଟକ ଦଳଗୁଡ଼ିକ ମଧ୍ୟରେ ଆର୍ଥିକ ନୀତି, ଜଳବାୟୁ ବଜେଟ୍ ଏବଂ କଲ୍ୟାଣକାରୀ ଯୋଜନାକୁ ନେଇ ତୀବ୍ର ମତଭେଦ ଦେଖାଦେଲା, ଯାହାଫଳରେ ସରକାର ଭାଙ୍ଗିଗଲା। କୋଭିଡ୍ ପରବର୍ତ୍ତୀ ସମୟରେ ଶରଣାର୍ଥୀ ସମସ୍ୟା ଓ ସେମାନଙ୍କ ପାଇଁ ହେଉଥିବା ବ୍ୟୟକୁ ନେଇ ସାଧାରଣ ଜର୍ମାନୀ ନାଗରିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିଥିଲା।

ଫ୍ରାନ୍ସରେ କୋଭିଡ୍ ପରେ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ସରକାର ପେନସନ ବୟସ ସୀମା ବୃଦ୍ଧି କରିବା ପାଇଁ ଆଣିଥିବା ଆଇନକୁ ନେଇ ସାରା ଦେଶରେ ହିଂସାତ୍ମକ ଆନ୍ଦୋଳନ ହୋଇଥିଲା । ମହଙ୍ଗା ମାଡ଼ ଏବଂ ଆର୍ଥିକ ସଙ୍କଟ ଯୋଗୁଁ ମାକ୍ରୋନଙ୍କ ଦଳ ମଧ୍ୟବର୍ତ୍ତୀକାଳୀନ ସଂସଦୀୟ ନିର୍ବାଚନରେ ନିଜର ସଂଖ୍ୟା ଗରିଷ୍ଠତା ହରାଇଲା ଏବଂ ରାଜନୈତିକ ସନ୍ତୁଳନ ବଦଳିଗଲା। ଜାପାନରେ ଦୀର୍ଘ ଦିନ ଧରି ଶାସନରେ ଥିବା ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟିର ଶିଂଜୋ ଆବେ ୨୦୨୦ ମସିହାରେ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେବା ପରେ, ଫୁମିଓ କିଶିଦା ତିନି ବର୍ଷ ପ୍ରଧାନମନ୍ତ୍ରୀ ରହିଥିଲେ। ପର ବର୍ଷ ଶିଗେରୁ ଇଶିବା ପ୍ରଧାନମନ୍ତ୍ରୀ ହୋଇ, ମାତ୍ର ବର୍ଷକ ପାଇଁ କ୍ଷମତାରେ ରହି ପାରିଲେ ମହାମାରୀ ପରବର୍ତ୍ତୀ ସମୟରେ ମହଙ୍ଗା ମାଡ଼ ଏବଂ ଶାସକ ଦଳ ମଧ୍ୟରେ ଦେଖାଦେଇଥିବା ଆର୍ଥିକ ଦୁର୍ନୀତିର ଦାଗ ଯୋଗୁଁ ଜନସାଧାରଣ ସେମାନଙ୍କ ଉପରୁ ଆସ୍ଥା ହରାଇଥିଲେ ଏବଂ ରାଜନୈତିକ ଅସ୍ଥିରତା ଲାଗି ରହିଥିଲା। ଅଷ୍ଟ୍ରେଲିଆ ୨୦୨୨ ନିର୍ବାଚନରେ କଞ୍ଜରଭେଟିଭ୍ ମିଳିତ ସରକାରର ପରାଜୟ ହେଲା। ସ୍କଟ୍ ମୋରିସନ (୨୦୧୮-୨୦୨୨) ସରକାରର ପତନ ପରେ ଆଣ୍ଟୋନୀ ଆଲବାନିଜ୍‌ଙ୍କ ନେତୃତ୍ୱରେ ଲେବର ପାର୍ଟି ସରକାର ଗଠନ କଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନଙ୍କ କୋଭିଡ୍ ମହାମାରୀ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ନୀତି ପ୍ରତି ଜନସାଧାରଣ ଅସନ୍ତୁଷ୍ଟ ଥିଲେ।

ବାଂଲାଦେଶରେ ଦୀର୍ଘ ଦିନର ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଅଗଷ୍ଟ ୨୦୨୪ରେ ପଦତ୍ୟାଗ କରି ଦେଶ ଛାଡ଼ି ପଳାଇବାକୁ ପଡ଼ିଲା । ସେ ଏବେ ଭାରତରେ ରାଜନୈତିକ ଆଶ୍ରୟ ନେଇଛନ୍ତି। ସେଠାରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରାଗଲା ଏବଂ ଗତ ଫେବୃୟାରୀ ମାସରେ ଅନୁଷ୍ଠିତ ନିର୍ବାଚନରେ ବିଜୟଲାଭ କରି ତାରିକ୍ ରହମାନ୍ ସେଠାରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି। କୋଭିଡ୍ ପରେ ବାଂଲାଦେଶର ଅର୍ଥନୀତି ଗଭୀର ସଙ୍କଟ ଦେଇ ଗତି କରୁଥିଲା, ଯାହାଫଳରେ ବେକାରୀ ସମସ୍ୟା ଉଗ୍ରରୂପ ନେଇଥିଲା। ଚାକିରି ସଂରକ୍ଷଣକୁ ନେଇ ଆରମ୍ଭ ହୋଇଥିବା ଛାତ୍ର ଆନ୍ଦୋଳନ ପରବର୍ତ୍ତୀ ସମୟରେ ଏକ ବଡ଼ ଜନ ବିଦ୍ରୋହର ରୂପ ନେଇଥିଲା। ଲକଡାଉନ୍ ଯୋଗୁଁ ଅନେକ ଛୋଟ ବଡ଼ ଶିଳ୍ପ ବନ୍ଦ ହୋଇଗଲା, ଯାହାଫଳରେ କୋଭିଡ୍ ପରେ ଯୁବପିଢ଼ିଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିଲା।

ଶ୍ରୀଲଙ୍କାରେ କୋଭିଡ୍ ମହାମାରୀ ପରେ ୨୦୨୨ରେ ରାଜପକ୍ଷେ ସରକାରଙ୍କ ପତନ ହେଲା ଏବଂ ପରବର୍ତ୍ତୀ ସମୟରେ ଅନୁର କୁମାର ଦିସାନାୟକେ ନୂଆ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ । କୋଭିଡ୍ ମହାମାରୀ ଯୋଗୁଁ ଶ୍ରୀଲଙ୍କାର ପର୍ଯ୍ୟଟନ ଶିଳ୍ପ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲା । ଏହା ସହିତ ସରକାରଙ୍କ ଭୁଲ୍ ଅର୍ଥନୈତିକ ନୀତି ଯୋଗୁଁ ଦେଶରେ ବିଦେଶୀ ମୁଦ୍ରା ଭଣ୍ଡାର ଶେଷ ହୋଇଗଲା, ଯାହାଫଳରେ ଖାଦ୍ୟ, ଔଷଧ ଓ ଇନ୍ଧନର ଚରମ ଅଭାବ ସୃଷ୍ଟି କରିଥିଲା।

ପାକିସ୍ତାନରେ ସାଧାରଣ ନିର୍ବାଚନ ୨୦୧୮ରେ ଅନୁଷ୍ଠିତ ହୋଇଥିଲା ଇମ୍ରାନ୍ ଖାନ୍ ପ୍ରଧାନମନ୍ତ୍ରୀ ହୋଇଥିଲେ ହେଁ ୨୦୨୨ ମସିହାରେ ଆଗତ ଅନାସ୍ଥା ପ୍ରସ୍ତାବରେ ସେ ହାରିଯିବା ପରେ ମିଆଁ ମହମ୍ମଦ୍ ସେହବାଜ ସରିଫ୍ (୨୦୨୨- ୨୩ ) ପ୍ରଧାନମନ୍ତ୍ରୀ ହୋଇଥିଲେ ପରବର୍ତ୍ତୀ ସାଧାରଣ ନିର୍ବାଚନ (୨୦୨୪) ଯାଏଁ ଅନୱାର୍ ଉଲ ହକ୍ କକର୍ କାମଚଳା ପ୍ରଧାନମନ୍ତ୍ରୀ ହୋଇଥିଲେ ୨୦୨୪ ନିର୍ବାଚନରେ କୌଣସି ଗୋଟିଏ ଦଳକୁ ସ୍ପଷ୍ଟ ବହୁମତ ମିଳିନଥିଲା।

ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଦଳ ୩୯ପାକିସ୍ତାନ ତେହେରିକ-ଇ-ଇନସାଫ୩୯ ଦ୍ୱାରା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ସର୍ବାଧିକ ଆସନ ଜିତିଥିଲେ। ପରବର୍ତ୍ତୀ ସମୟରେ ମିଳିତ ମେଣ୍ଟ ଗଠନ କରାଯାଇ ଶେହବାଜ ସରିଫ ପୁନର୍ବାର ପାକିସ୍ତାନର ପ୍ରଧାନମନ୍ତ୍ରୀ ହୋଇଥିଲେ।

ନେପାଳରେ ୨୦୧୭ ଶେଷ ଭାଗରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଖଡ଼ଗ ପ୍ରସାଦ ଶର୍ମା ଓଲି ବିଜୟ ଲାଭ କରି ଫେବୃୟାରୀ ୨୦୧୮ରୁ ୨୦୨୧ ଯାଏଁ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଥିଲେ ତାଙ୍କ ପରେ ପରେ ଶେର୍ ବହାଦୂର୍ ଦେଉବା ପୁଷ୍ପ କମଲ୍ ଦହଲ୍ ଏବଂ ଖଡଗ ପ୍ରସାଦ ଶର୍ମା ଓଲି ଯଥାକ୍ରମେ ଡିସେମ୍ବର ୨୦୨୨ ଯାଏଁ, ଜୁଲାଇ ୨୦୨୪ ଯାଏଁ ସେପ୍ଟେମ୍ବର ୨୦୨୫ ଯାଏଁ ପ୍ରଧାନମନ୍ତ୍ରୀ ପଦରେ ରହିଥିଲେ ୨୦୨୫ ମସିହା ସେପ୍ଟେମ୍ବର ମାସରେ ଦେଶରେ ବ୍ୟାପକ ଯୁବ ଆନ୍ଦୋଳନ ହୋଇଥିଲା।

ଶ୍ରୀଲଙ୍କାରେ ଶେଷ ସଂସଦୀୟ ନିର୍ବାଚନ ୧୪ ନଭେମ୍ବର ୨୦୨୪ରେ ଏବଂ ମାଳଦ୍ୱୀପରେ ଶେଷ ସ୍ଥାନୀୟ ନିର୍ବାଚନ ୪ ଅପ୍ରେଲ ୨୦୨୬ରେ ଅନୁଷ୍ଠିତ ହୋଇଥିଲା। ୨୦୧୯ ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନରେ ଗୋଟାବାୟା ରାଜପକ୍ଷ ବିଜୟ ଲାଭକରି ରାଷ୍ଟ୍ରପତି ହୋଇଥିଲେ। କୋଭିଡ୍ କାରଣରୁ ସେଠାରେ ପର୍ଯ୍ୟଟନ ଶିଳ୍ପ ଭୁଶୁଡି ଗଲା, ବିଦେଶୀମୁଦ୍ରା ଆଗମନ ବନ୍ଦ ହୋଇଗଲା। ଲୋକଙ୍କ ଆର୍ଥିକ ଅବସ୍ଥା ଦୟନୀୟ ହୋଇଯିବାରୁ ସରକାର କର ରିହାତି ଦେଇଦେଲେ। ରାଜସ୍ୱ ନିଅଣ୍ଟ ପଡ଼ିଲା। କୃଷି କ୍ଷେତ୍ର ପାଇଁ ରସାୟନିକ ସାରର ଘୋର ଅଭାବ ଫଳରେ କୃଷି ଉତ୍ପାଦନ କମିଗଲା। ଉତକ୍ଷିପ୍ତ ଜନତା ରାଷ୍ଟ୍ରପତି ଭବନ ଦଖଲ କରି ପ୍ରତିବାଦ କଲେ। ରାଷ୍ଟ୍ରପତି ଆତ୍ମଗୋପନ କରି ବିଦେଶ ପଳାୟନ କଲେ। ୨୧ ସେପ୍ଟେମ୍ବର ୨୦୨୪ରେ ଅନୁଷ୍ଠିତ ନିର୍ବାଚନରେ ଅନୁରା କୁମାର ଦିସାନାୟକେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ।ମାଳଦ୍ୱୀପରେ ରାଷ୍ଟ୍ରପତି ନିର୍ବାଚନ ସେପ୍ଟେମ୍ବର ୨୦୨୩ରେ ଅନୁଷ୍ଠିତ ହୋଇଥିଲା। ସରକାର ବଦଳିଲେ। ମହମ୍ମଦ ମୁଇଜ୍ଜୁ ଦେଶର ନୂତନ ରାଷ୍ଟ୍ରପତି ହେଲେ। କୋଭିଡ୍ ପରବର୍ତ୍ତୀ ବିଶ୍ୱରେ ଯେଉଁଠି ଅନେକ ଶକ୍ତିଶାଳୀ ଦେଶର ସରକାର ବଦଳିଗଲେ, ସେଠାରେ ଭାରତରେ ନରେନ୍ଦ୍ର ଦାମୋଦର ଦାସ ମୋଦୀଙ୍କ ନେତୃତ୍ୱରେ ଏନଡିଏ ସରକାର ଲଗାତାର ତୃତୀୟ ଥର ପାଇଁ ବିଜୟୀ ହୋଇ ୧୨ ବର୍ଷ ଧରି ଶାସନ ଗାଦିରେ ରହିବା ଏକ ବଡ଼ ବ୍ୟତିକ୍ରମ। ବିଶ୍ୱବ୍ୟାପୀ ଆଣ୍ଟି-ଇନକମ୍ବେନ୍ସି (ସରକାର ବିରୋଧୀ ହାୱା) ସତ୍ତ୍ୱେ ମୋଦୀ ସରକାରଙ୍କ ଏହି ସଫଳତା ପଛରେ କେତେକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଏବଂ ଅର୍ଥନୈତିକ କାରଣ ରହିଛି।

କୋଭିଡ୍ ମହାମାରୀ ସମୟରେ ବିଶାଳ ଜନକଲ୍ୟାଣକାରୀ ଯୋଜନା 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା' ଆରମ୍ଭ କରି ପ୍ରାୟ ୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେଇଥିଲେ। ଏହା ପରବର୍ତ୍ତୀ ସମୟରେ ମଧ୍ୟ ଜାରି ରହିଲା, ଯାହା ଗରିବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀକୁ କୋଭିଡ୍ ଜନିତ କ୍ଷତିରୁ ବଞ୍ଚାଇ ରଖିଲା।

ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ମହିଳା, ଚାଷୀ ଓ ଶ୍ରମିକମାନଙ୍କ ଜନଧନ ବ୍ୟାଙ୍କ ଖାତାକୁ ସିଧାସଳଖ ନଗଦ ଟଙ୍କା ପଠାଯାଇଥିଲା। ଏହା ଦୁର୍ନୀତିମୁକ୍ତ ପ୍ରକ୍ରିୟା ହୋଇଥିବାରୁ ଗ୍ରାମାଞ୍ଚଳରେ ଏକ ବଡ଼ 'ଲାଭାର୍ଥୀ ଭୋଟ୍ ବ୍ୟାଙ୍କ' ସୃଷ୍ଟି କରିଥିଲା।

କୋଭିଡ୍ ପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲା ବେଳେ, ଭାରତର ଆର୍ଥିକ ଅଭିବୃଦ୍ଧି ହାର ପ୍ରାୟ ୬ରୁ ୭ ପ୍ରତିଶତ ରହି ବିଶ୍ୱରେ ସବୁଠାରୁ ଦ୍ରୁତ ହୋଇପାରିଥିଲା। କେନ୍ଦ୍ର ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ମିଳିତ ଭାବେ କୋଭିଡ୍ ପରେ ଭାରତରେ ମହଙ୍ଗା ମାଡ଼ କିମ୍ବା ମୁଦ୍ରାସ୍ଫୀତିକୁ ଅନ୍ୟ ଦେଶ ଭଳି ନିୟନ୍ତ୍ରଣ ବାହାରକୁ ଯିବାକୁ ଦେଇନଥିଲେ। ବିଶେଷ କରି ଋଷିଆଠାରୁ ଶସ୍ତା ତେଲ ଆମଦାନୀ କରିବା ନୀତି ଭାରତୀୟ ବଜାରକୁ ସ୍ଥିର ରଖିବାରେ ସାହାଯ୍ୟ କରିଥିଲା। ବ୍ୟାପକ ଟିକାକରଣ କାର୍ଯ୍ୟକ୍ରମ ଜରିଆରେ ସରକାର ଭାରତରେ ନିର୍ମିତ ଦୁଇଟି କୋଭିଡ୍ ଟିକା (କୋଭିସିଲ୍ଡ ଓ କୋଭାକ୍ସିନ୍) ମାଧ୍ୟମରେ ଦେଶର ୨୨୦ କୋଟିରୁ ଅଧିକ ଡୋଜ୍ ମାଗଣାରେ ପ୍ରଦାନ କରିଥିଲେ । ଡିଜିଟାଲ୍ ପ୍ଲାଟଫର୍ମ 'କୋ ଉଇନ' ମାଧ୍ୟମରେ ହୋଇଥିବା ଏହି ବ୍ୟବସ୍ଥା ଭାରତର ସ୍ୱାସ୍ଥ୍ୟସେବା ପରିଚାଳନା ଉପରେ ଜନସାଧାରଣଙ୍କ ଭରସା ବଢ଼ାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ ଲୋକପ୍ରିୟତା, ବିଶ୍ୱାସନୀୟତା ଏବଂ ଏକ 'ଶକ୍ତିଶାଳୀ ତଥା ନିର୍ଣ୍ଣାୟକ ନେତା'ର ଭାବମୂର୍ତ୍ତି ଭାରତୀୟ ରାଜନୀତିରେ ସବୁଠାରୁ ବଡ଼ ଶକ୍ତି। ଜାତୀୟ ସୁରକ୍ଷା, ଜି-୨୦ ଅଧ୍ୟକ୍ଷତା ଏବଂ ବିଶ୍ୱ ମଞ୍ଚରେ ଭାରତର ବଦଳୁଥିବା ସ୍ଥିତିକୁ ସରକାର ଜାତୀୟ ଗର୍ବର ପ୍ରତୀକ ଭାବେ ଉପସ୍ଥାପନ କରିବାରେ ସଫଳ ହୋଇଥିଲେ। ମୋଦୀ ଏକ ବ୍ରାଣ୍ଡ ଭାବେ ଉଭା ହେଇଗଲେ ଏବଂ ମୋଦୀ ଗ୍ୟାରେଣ୍ଟି ଜନାଦୃତି ପାଇଲା ପାଶ୍ଚାତ୍ୟ ଦେଶଗୁଡ଼ିକରେ ଶାସକ ଦଳ ବିରୁଦ୍ଧରେ ଏକ ଦୃଢ଼ ବିକଳ୍ପ ସରକାର ଗଠନ କରିବା ପାଇଁ ଶକ୍ତିଶାଳୀ ବିରୋଧୀ ଦଳ ଥିଲେ। କିନ୍ତୁ ଭାରତରେ ବିରୋଧୀ ଦଳ (ଇଣ୍ଡିଆ ମେଣ୍ଟ) ଏକାଠି ହୋଇଥିଲେ ମଧ୍ୟ ସେମାନଙ୍କ ପାଖରେ ମୋଦୀଙ୍କ ସମକକ୍ଷ କୌଣସି ଜାତୀୟ ଚେହେରା ବା ସ୍ପଷ୍ଟ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନଥିଲେ। ସରକାର ପୁନର୍ବାର କ୍ଷମତାକୁ ଆସିବାର ଏହା ମଧ୍ୟ ଅନ୍ୟତମ କାରଣ ଥିଲା। ଭାଜପାର ହିନ୍ଦୁତ୍ୱ ଏବଂ ସାଂସ୍କୃତିକ ଜାତୀୟତାବାଦ ନୀତି ଦେଶର ଏକ ବଡ଼ ମତଦାତା ଶ୍ରେଣୀକୁ ଭାବନାତ୍ମକ ଭାବେ ବାନ୍ଧି ରଖିଥିଲା, ଯାହା ଆର୍ଥିକ ସମସ୍ୟା ଅପେକ୍ଷା ଓଜନଦାର ହୋଇଥିଲା। ତେବେ ଏହା ମଧ୍ୟ ସତ୍ୟ ଯେ, କୋଭିଡ୍ ପରବର୍ତ୍ତୀ ସମୟରେ ଭାରତରେ ବେକାରୀ ସମସ୍ୟା ଓ ମହଙ୍ଗା ମାଡ଼କୁ ନେଇ କିଛି ମାତ୍ରାରେ ସରକାର- ବିରୋଧୀ ମାନସିକତା ଦେଖାଦେଇଥିଲା। ଯାହାଫଳରେ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ଏକକ ସଂଖ୍ୟାଗରିଷ୍ଠତା ହରାଇଥିଲା । କିନ୍ତୁ ଏନଡିଏ'ର ସହଯୋଗୀ ଦଳଗୁଡ଼ିକର ସମର୍ଥନରେ ମୋଦି ସରକାର ପୁନର୍ବାର ସଫଳତାର ସହ ଶାସନ ଗାଦି ବଜାୟ ରଖିବାରେ ସଫଳ ହେଲେ। କୋଭିଡ ମହାମାରୀ ଆଜି ଧୀରେ ଧୀରେ ଇତିହାସ ଗର୍ଭକୁ ଚାଲି ଯାଉଛି।ଯୁଦ୍ଧର ଘନଘଟା ମଧ୍ୟରେ ଯୁବକମାନେ ଅତିଷ୍ଠ, ବିବ୍ରତ ହୋଇ ନିଜର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହା ମଧ୍ୟ ସ୍ୱାଭାବିକ। ସେମାନେ ଚାହାନ୍ତି ବ୍ୟବସ୍ଥାରେ ସୁଧାର, ଶୋଷଣମୁକ୍ତ, ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା। ସମ୍ଭବତଃ ଭାରତ ସରକାର ଏଥିପାଇଁ ପ୍ରୟତ୍ନ କରୁଛନ୍ତି। ୨୦୪୭ ମସିହା ବେଳକୁ ବିକଶିତ ଭାରତ ଗଠନ ପାଇଁ ଗରିବ, ଯୁବା, କୃଷକ ଏବଂ ନାରୀ ଶକ୍ତିର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ। ଏହାର ସୂଚନା ଏବେଠାରୁ ମିଳିଲାଣି।

ଜାନକୀଶ ବଡପଣ୍ଡା

# ଜାତୀୟ ପଶୁ ବାଘ : ଏକ ବିହଙ୍ଗାବଲୋକନ

ବାଘ ପୃଥିବୀର ସବୁଠାରୁ ଶକ୍ତିଶାଳୀ, ସୁନ୍ଦର ଓ ସାହସୀ ବନ୍ୟଜନ୍ତୁମାନଙ୍କ ମଧ୍ୟରୁ ଏକ। ଏହା ବିଲେଇ ବଂଶର ସବୁଠାରୁ ବଡ଼ ପ୍ରାଣୀ। ଏହାର ଗମ୍ଭୀର ଚାଲି, ତୀକ୍ଷ୍ଣ ଦୃଷ୍ଟି, ଅଦ୍ଭୁତ ଶିକାର କୌଶଳ ଏବଂ ଅସାଧାରଣ ଶକ୍ତି ଏହାକୁ ''ଜଙ୍ଗଲର ରାଜା'' ଭାବରେ ପରିଚିତ କରାଇଛି। ଭାରତର ଜାତୀୟ ପଶୁ ହେଉଛି ମହାବଳ ବାଘ। ବାଘ କେବଳ ଏକ ବନ୍ୟଜନ୍ତୁ ନୁହେଁ, ଏହା ଆମ ଦେଶର ପ୍ରାକୃତିକ ସମ୍ପଦ, ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନର ପ୍ରତୀକ। ବାଘର ଉପସ୍ଥିତି ଜଙ୍ଗଲର ସ୍ୱାସ୍ଥ୍ୟ ଓ ସମୃଦ୍ଧିର ପରିଚୟ ଦେଇଥାଏ।

ପୃଥିବୀରେ ବିଭିନ୍ନ ପ୍ରଜାତିର ବାଘ ଥିଲେ ମଧ୍ୟ ଅନେକ ପ୍ରଜାତି ବିଲୁପ୍ତ ହୋଇସାରିଛି। ବର୍ତ୍ତମାନ ରୟାଲ ବେଙ୍ଗଲ ବାଘ, ସାଇବେରିଆନ ବାଘ, ସୁମାତ୍ରାନ ବାଘ, ଇଣ୍ଡୋଚାଇନିଜ ବାଘ ଓ ମାଲୟାନ ବାଘ ପ୍ରମୁଖ ଭାବରେ ଦେଖାଯାନ୍ତି। ଭାରତରେ ରୟାଲ ବେଙ୍ଗଲ ବାଘ ବା ମହାବଳ ବାଘ ଦେଖିବାକୁ ମିଳେ।

ବାଘର ଶରୀର ବଳିଷ୍ଠ ଓ ସୁଗଠିତ। ଏହାର ଶରୀରର ରଙ୍ଗ ହଳଦିଆ କିମ୍ବା କମଳା ହୋଇଥାଏ ଏବଂ ସେଥିରେ କଳା ରଙ୍ଗର ଡୋରା ରହିଥାଏ। ପ୍ରତ୍ୟେକ ବାଘର ଶରୀରରେ ଥିବା ଡୋରାର ଆକୃତି ଭିନ୍ନ ଭିନ୍ନ ହୋଇଥାଏ । ପୂର୍ଣ୍ଣବୟସ୍କ ପୁରୁଷ ବାଘର ଓଜନ ପ୍ରାୟ ୧୮୦ ରୁ ୩୦୦ କିଲୋଗ୍ରାମ ଏବଂ ମାଈ ବାଘର ଓଜନ ୧୦୦ ରୁ ୧୬୦ କିଲୋଗ୍ରାମ ହୋଇଥାଏ। ଏହାର ଲମ୍ବ ପ୍ରାୟ ୨.୫ ରୁ ୩.୩ ମିଟର ପର୍ଯ୍ୟନ୍ତ ହୋଇପାରେ। ବାଘର ତୀକ୍ଷ୍ଣ ଦାନ୍ତ, ଶକ୍ତିଶାଳୀ ଜହ୍ନ, ଧାରୁଆ ନଖ ଓ ବଳିଷ୍ଠ ଗୋଡ଼ ଶିକାର କରିବାରେ ସହାୟକ ହୋଇଥାଏ। ଏହାର ଦୃଷ୍ଟି ଓ ଶ୍ରବଣଶକ୍ତି ବହୁତ ପ୍ରଖର। ରାତିରେ ମଧ୍ୟ ଏହା ସହଜରେ ଶିକାର କରିପାରେ।

ବାଘ ସାଧାରଣତଃ ଘଞ୍ଚ ଜଙ୍ଗଲ, ଘାସଭୂମି, ପାହାଡ଼ିଆ ଅଞ୍ଚଳ, ଜଳାଶୟ ନିକଟବର୍ତ୍ତୀ ଜଙ୍ଗଲରେ ବାସ କରିଥାଏ। ଭାରତର ସୁନ୍ଦରବନ, ଶିମିଳିପାଳ, କାନ୍ହା, ବାନ୍ଧବଗଡ଼, ରଣଥମ୍ଭୋର, କର୍ବେଟ ଓ ଅନ୍ୟାନ୍ୟ ଅଭୟାରଣ୍ୟରେ ବାଘ ବସବାସ କରେ। ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନ ବାଘ ସଂରକ୍ଷଣ ପାଇଁ ବିଶେଷ ପ୍ରସିଦ୍ଧ।

ବାଘ ଏକ ମାଂସାହାରୀ ପ୍ରାଣୀ। ବାଘ ସାଧାରଣତଃ ଏକାକୀ ଶିକାର କରେ। ଏହା ଧୈର୍ଯ୍ୟର ସହିତ ଶିକାରକୁ ଅନୁସରଣ କରି ହଠାତ୍ ଆକ୍ରମଣ କରେ। ଏହାର ଗୋପନ ଆକ୍ରମଣ କୌଶଳ ଅତ୍ୟନ୍ତ ପ୍ରସିଦ୍ଧ। ବାଘ ସାଧାରଣତଃ ଏକାକୀ ରହିବାକୁ ପସନ୍ଦ କରେ। ପ୍ରତ୍ୟେକ ବାଘର ନିଜସ୍ୱ କ୍ଷେତ୍ର ଥାଏ, ଯାହାକୁ ସେ ଅନ୍ୟ ବାଘଙ୍କଠାରୁ ସୁରକ୍ଷିତ ରଖେ। ବାଘ ଭଲ ପହଁରିପାରେ ଏବଂ ଜଳରେ ଖେଳିବାକୁ ମଧ୍ୟ ପସନ୍ଦ କରେ।

ବାଘର ଗର୍ଜନ ବହୁତ ଭୟଙ୍କର ହୋଇଥାଏ। ଏହାର ଗର୍ଜନ ବହୁତ୍ ଦୂର ପର୍ଯ୍ୟନ୍ତ ଶୁଣାଯାଏ।

ମାଈ ବାଘ ପ୍ରାୟ ୯୫ରୁ ୧୧୦ ଦିନ ଗର୍ଭଧାରଣ କରିଥାଏ। ଏକ ଥରରେ ସାଧାରଣତଃ ୨ରୁ ୪ଟି ଛୁଆ ଜନ୍ମ ଦେଇଥାଏ। ଛୁଆମାନଙ୍କର ଯତ୍ନ ମାଈ ବାଘ ନିଏ ଏବଂ ଶିକାର କରିବାର କୌଶଳ ମଧ୍ୟ ସେ ଶିଖାଏ। ପ୍ରାୟ ଦୁଇ ବର୍ଷ ପରେ ଛୁଆମାନେ ସ୍ୱାଧୀନ ଭାବରେ ବଞ୍ଚିବା ଆରମ୍ଭ କରନ୍ତି। ବାଘ ପରିବେଶର ସନ୍ତୁଳନ ରକ୍ଷା କରିବାରେ ଅତ୍ୟନ୍ତ ଆବଶ୍ୟକ। ବାଘ ସୁରକ୍ଷିତ ରହିଲେ ଜଙ୍ଗଲ, ଜଳ, ଉଦ୍ଭିଦ ଏବଂ ଅନେକ ପ୍ରାଣୀ ମଧ୍ୟ ସୁରକ୍ଷିତ ରହନ୍ତି।

ବର୍ତ୍ତମାନ ବାଘ ଅନେକ ବିପଦର ସମ୍ମୁଖୀନ। ବନ ଧ୍ୱଂସ, ଶିକାର, ଚୋରା କାରବାର, ଜଳବାୟୁ ପରିବର୍ତ୍ତନ ଏବଂ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ବାଘର ସଂଖ୍ୟା କମାଇ ଦେଉଛି।

ଜନସଂଖ୍ୟା ବୃଦ୍ଧି ସହ ଜଙ୍ଗଲ କାଟି ବସତି ଓ କୃଷିଜମି ତିଆରି କରାଯାଉଥିବାରୁ ବାଘର ବାସସ୍ଥାନ କମିଯାଉଛି।

ଭାରତ ସରକାର ୧୯୭୩ ମସିହାରେ ''ପ୍ରୋଜେକ୍ଟ ଟାଇଗର'' ଆରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ବାଘ ଓ ଏହାର ବାସସ୍ଥାନର ସୁରକ୍ଷା। ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ଟାଇଗର ରିଜର୍ଭ ସ୍ଥାପନ କରାଯାଇଛି। ଶିକାର ନିଷେଧ, ବନ ସଂରକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଓ କଠୋର ଆଇନ ମାଧ୍ୟମରେ ବାଘ ସଂରକ୍ଷଣ କରାଯାଉଛି।ବାଘ ସଂରକ୍ଷଣ ପ୍ରତି ସଚେନତନା ବୃଦ୍ଧି କରିବା ଓ ବାଘ ରହୁଥିବା ପରିବେଶକୁ ସୁରକ୍ଷିତ ରଖିବା ଦିଗରେ ଲୋକଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତି ବର୍ଷ ଜୁଲାଇ ୨୯କୁ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଭାବେ ପାଳନ କରାଯାଉଛି। ୨୦୧୦ ମସିହା ଜୁଲାଇ ୨୯ ତାରିଖରେ ରୁଷିଆର ସେଣ୍ଟପିଟର୍ସବର୍ଗ ଶିଖର ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହେବା ପରେ ବିଶ୍ୱବାସୀ ବାଘ ଦିବସ ପାଳନ କରିଆସୁଛନ୍ତି ।

ଭାରତର ଜାତୀୟ ପ୍ରାଣୀ ଭାବରେ ବାଘ ଆମର ଗର୍ବ ଓ ଗୌରବର ପ୍ରତୀକ। ଏହା ଶକ୍ତି, ସାହସ, ଆତ୍ମବିଶ୍ୱାସ ଓ ଐଶ୍ୱର୍ଯ୍ୟର ପ୍ରତୀକ ଭାବେ ମଧ୍ୟ ପରିଚିତ। ଭାରତୀୟ ସଂସ୍କୃତି, ଲୋକକଥା, ଚିତ୍ରକଳା ଓ ସାହିତ୍ୟରେ ବାଘର ବିଶେଷ ସ୍ଥାନ ରହିଛି। ବାଘ ପ୍ରକୃତିର ଏକ ଅମୂଲ୍ୟ ସୃଷ୍ଟି। ଏହା କେବଳ ଏକ ଶକ୍ତିଶାଳୀ ବନ୍ୟଜନ୍ତୁ ନୁହେଁ, ବରଂ ପରିବେଶର ସନ୍ତୁଳନ ରକ୍ଷାକାରୀ ଏକ ପ୍ରମୁଖ ପ୍ରାଣୀ। ବାଘ ସଂରକ୍ଷଣ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ। ଆମେ ସମସ୍ତେ ମିଶି ବାଘ ଓ ବନ ସଂରକ୍ଷଣ ପାଇଁ ସଚେତନ ହେବା ଏବଂ ଆଗାମୀ ପିଢ଼ି ପାଇଁ ଏହି ଅମୂଲ୍ୟ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖିବା।

ବୈଷ୍ଣବ ଚରଣ ଦାଶ
ବୀରଧନଞ୍ଜୟ ପୁର, ବୁଗୁଡ଼ା

# ମାନବ ଚାଲାଣର ମୁକାବିଲା, ମହିଳା ଓ ଶିଶୁ ସୁରକ୍ଷା ଏବଂ ଶୋଷଣ ପ୍ରତିରୋଧ କ୍ଷେତ୍ରକୁ ସୁଦୃଢ଼ ପାଇଁ ଆହ୍ୱାନ

ବ୍ରହ୍ମପୁର: ଆଇଏସ୍ଆର୍‌ଡି ସଖୀ ୱାନ ଷ୍ଟପ ସେଣ୍ଟର, ଗଞ୍ଜାମ ତରଫରୁ ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ ଅବସରରେ ବ୍ରହ୍ମପୁର ରେଳ ଷ୍ଟେସନରେ କାର୍ଯ୍ୟରତ ଶତାଧିକ କର୍ମଚାରୀ, ଭେଣ୍ଡର, କୁଲି, ସଫେଇ କର୍ମଚାରୀ, ହକେର ଷ୍ଟାଫ, ଅଟୋ ଚାଳକଙ୍କ ସହ ରେଳ ସୁରକ୍ଷା ବଳ ଓ ସରକାରୀ ରେଳ ପୁଲିସଙ୍କ ସହଯୋଗରେ ଏକ ବୃହତ ମାନବ ଶୃଙ୍ଖଳା କାର୍ଯ୍ୟକ୍ରମ, ପଥପ୍ରାନ୍ତି ପଦଯାତ୍ରା ଓ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ମହାନଗର ନିଗମର ଆଯୁକ୍ତ କୁମାରୀ ଆକବରମ ସସ୍ୟ ରେଡ୍ଡୀ ଯୋଗଦେଇ ମାନବ ଚାଲାଣକୁ ପ୍ରତିରୋଧ କରିବାସହ ମହିଳା, କିଶୋର ଓ କିଶୋରୀ ବୟସର ଶିଶୁ ମାନଙ୍କ ଉପରେ ହେଉଥିବା ହିଂସାକୁ ରୋକିବା ଓ ଦୃଢ ପ୍ରତିବାଦ କରିବାକୁ ଅନୁରୋଧ କରିଥିଲେ । ଗ୍ରାମ୍ୟ ସ୍ତରରୁ ସଚେତନତା ସୃଷ୍ଟି କରିବା ଓ ଏହାର ସମ୍ଭାବ୍ୟ ପୀଡିତାଙ୍କୁ ଚିହ୍ନଟ କରି ସେମାନଙ୍କ ସୁରକ୍ଷା ଦେବା ସହ ମାନବ ଚାଲାଣର ମୁକାବିଲା, ମହିଳା ଓ ଶିଶୁ ସୁରକ୍ଷା ଏବଂ ଶୋଷଣ ପ୍ରତିରୋଧ କ୍ଷେତ୍ରକୁ ସୁଦୃଢ଼ କରିବାରେ ଆଇନ ପ୍ରଣୟନକାରୀ ସଂସ୍ଥାର ଭୂମିକା ଓ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କ ସହ ମାନବ ଚାଲାଣର ବାସ୍ତବତା, ଏହାର ବିଭିନ୍ନ ରୂପ ଏବଂ ବ୍ୟକ୍ତି ସମ୍ପ୍ରଦାୟ ଉପରେ ଏହାର ବିନାଶକାରୀ ପ୍ରଭାବ ବିଷୟରେ ଜନସାଧାରଣଙ୍କୁ ସୂଚନା ଦେବା ସହ ପୀଡିତାଙ୍କୁ ସୁରକ୍ଷା ଦେବା ତଥା ନ୍ୟାୟ, ଚିକିତ୍ସା ସେବା ଏବଂ ମାନସିକ ସମର୍ଥନ ପାଇବା ସମେତ ଚାଲାଣ ପୀଡିତାଙ୍କ ସୁରକ୍ଷା ଏବଂ ସମର୍ଥନ ସୁନିଶ୍ଚିତ କରିବା ଓ ମାନବ ଚାଲାଣ ରୋକିବା ତଥା ସୁରକ୍ଷାକୁ ସୁଦୃଢ଼ କରିବା, ଆଇନ ପ୍ରବର୍ତ୍ତନ ପ୍ରୟାସକୁ ବୃଦ୍ଧି କରିବା ଏବଂ ମାନବ ଚାଲାଣର ମୂଳ କାରଣଗୁଡ଼ିକୁ ଖୋଜି ସମାଧାନ କରିବା ଭଳି ପ୍ରତିରୋଧକ ପଦକ୍ଷେପ ଉପରେ ଧ୍ୟାନ ଦେବା ଆବଶ୍ୟକତା ବୋଲି ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଦେୱାନୀ ଅଦାଲତ ଓକିଲ ସଂଘ ସଭାପତି ଶ୍ରୀଯୁକ୍ତ ଶୀତାଂଶୁ କୁମାର ପଣ୍ଡା ବ୍ରହ୍ମପୁର ମହାନଗର ନିଗମର ଉପ ଆଯୁକ୍ତି ଶ୍ରୀମତୀ କଲ୍ୟାଣୀ ସଙ୍ଘମିତ୍ରା ଦେବୀ, ରେଳ ଷ୍ଟେସନ ପରିଚାଳକ ଶ୍ରୀଯୁକ୍ତ ଦୂର୍ଗାପ୍ରସାଦ ବ୍ରହ୍ମା, ରେଳ ସୁରକ୍ଷା ବଳ ଅଧିକାରୀ ଶ୍ରୀଯୁକ୍ତ ବିବେକ କୁମାର, ଆଇ/ସି ସିଟିଇ ଶ୍ରୀଯୁକ୍ତ ଇପିଲି ଶ୍ରୀନିବାସ ରାଓ, ମୁଖ୍ୟ ସ୍ୱାସ୍ଥ୍ୟ ନିରିକ୍ଷକ ଶ୍ରୀଯୁକ୍ତ ସିଏଚ୍ ବିଷ୍ଣୁ, ସରକାରୀ ରେଳ ପୁଲିସ ଶ୍ରୀଯୁକ୍ତ ଗୋପୀନାଥ କୋଲକା, କୈଳାଶ ଚନ୍ଦ୍ର ବେହେରା, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପାର୍ବତୀ ପ୍ରଧାନ, ମହିଳା ସଶକ୍ତି ଜିଲ୍ଲା ସଂଯୋଜକା ଶ୍ରୀମତୀ ଗୀତାଞ୍ଜଳି ମହାରଣା, ଶ୍ରୀଯୁକ୍ତ ସମୀର ସମ୍ବଳ, ସୁଶ୍ରୀ ବବିତା ମହାରଣା, ବାପୁଜୀ କନ୍ୟାରୀ, ପିସିଆଇ ଜିଲ୍ଲା ସଂଯୋଜକ ଶ୍ରୀମତୀ ମନରମା ମଲ୍ଲିକ, ସାମୟ ଅକଡେମୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦେବେଶ ସାମନ୍ତରାୟ, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ନାୟକ, ଗାୟତ୍ରୀ ଶକ୍ତି ପୀଠ ପ୍ରମୁଖ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଦାଶ, କ୍ରାନ୍ତି ନିର୍ଦ୍ଦେଶକ ଡକ୍ଟର ଦେବାନନ୍ଦ ଦାସ, କୁଲି ସଂଘ ସଭାପତି ଜେ. ଶଙ୍କର ପାତ୍ର, ଅଟୋ ସଂଘ ସଦସ୍ୟ ଶ୍ରୀଯୁକ୍ତ ସିମାଞ୍ଚଳ ସାହୁ, ଯୋଗଦେଇ ଉଦବୋଧନ ଦେଇଥିଲେ । ରେଳ ଷ୍ଟେସନ ଅଞ୍ଚଳର ସମସ୍ତ ଅଂଶୀଦାର ବ୍ୟକ୍ତିତ୍ୱ ମାନେ ନିଜେ ସତର୍କ ରହିବା, ସୁରକ୍ଷିତ ସମାଜ ଗଠନ କରିବା ସହ ଠକେଇ ଜାଲରେ ନ ଫସି ଏକାଠି ହୋଇ ମାନବ ଚାଲାଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଶପଥ ନେଇଥିଲେ ।

ଏହି କାର୍ଯ୍ୟକ୍ରମକୁ ଆଇଏସ୍ଆର୍‌ଡିର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁଧୀର ସାବତ ସଭାପତିତ୍ୱ କରିଥିବା ବେଳେ ୱାନ ଷ୍ଟପ କେନ୍ଦ୍ରର କେନ୍ଦ୍ର ପ୍ରଶାସିକା ଶ୍ରୀମତୀ ମହେଶ୍ୱତା ପାଢୀ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଶ୍ରୀମତୀ ସ୍ନେହମୟୀ ପାଢୀ, ଆସ୍କିଲା ରାଇକା, ମଧୁସ୍ମିତା ମଲ୍ଲିକ, ବଜରଙ୍ଗୀ ନାୟକ, ସାରଧି ଭାର୍ଗବୀ, ପ୍ରଭାତ କୁମାର ପାଢୀ, ବଳରାମ ମଲ୍ଲିକ, ବି. ସୁନିତା କାର୍ଯ୍ୟକ୍ରମଟିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ପରିଶେଷରେ ଆଇଏସ୍ଆର୍‌ଡି ସଖୀ ୱାନ ଷ୍ଟପ ସେଣ୍ଟର ର ଗୋପାଳକୃଷ୍ଣ ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅବସର ନେଲେ ଆଜିଙ୍କ୍ୟ ରାହାଣେ



ନୂଆଦିଲ୍ଲୀ: ଆଜିଙ୍କ୍ୟ ରାହାଣେ ଗୁରୁବାର ଆନୁଷ୍ଠାନିକ ଭାବେ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଟିମ୍ ଇଣ୍ଡିଆର ସଦସ୍ୟ ରହିଥିଲେ। ସେ ୮୫ଟି ଟେଷ୍ଟ, ୯୦ଟି ଦିନିକିଆ ଏବଂ ୨୦ଟି ଟି-୨୦ (୨୦) ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରି ୮,୦୦୦ରୁ ଅଧିକ ଅନ୍ତର୍ଜାତୀୟ ରନ୍ ସଂଗ୍ରହ କରିଛନ୍ତି। ଜଣେ ଅଧିନାୟକ ଭାବରେ ତାଙ୍କର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ଆସିଥିଲା ୨୦୨୦-୨୧ର ପ୍ରସିଦ୍ଧ ବୋର୍ଡର-ଗାଭାସ୍କର ଟ୍ରଫି ସମୟରେ, ଯେଉଁଠାରେ ମେଲବୋର୍ଣ୍ଣରେ ଏକ ଶତକ ହାସଲ କରିବା ସହ ସେ ଆହାତ ସମସ୍ୟା ଦେଇ ଗତି କରୁଥିବା ଭାରତୀୟ ଦଳର ନେତୃତ୍ୱ ନେଇ ଅଷ୍ଟ୍ରେଲିଆରେ ୨-୧ରେ ଏକ ଐତିହାସିକ ଟେଷ୍ଟ ଶୃଙ୍ଖଳାର ବିଜୟ ଦେଇଥିଲେ।

ରାହାଣେ ଶେଷ ଥର ପାଇଁ ୨୦୨୩ରେ ୱେଷ୍ଟଇଣ୍ଡିଜ୍ ଗସ୍ତ ପାଇଁ ଟେଷ୍ଟ ଦଳରେ ସାମିଲ୍ ହୋଇ ଭାରତ ପାଇଁ ଖେଳିଥିଲେ। ଦିନିକିଆ ଫର୍ମାଟ୍‌ରେ ଦେଶ ପାଇଁ ତାଙ୍କର ଶେଷ ମ୍ୟାଚ୍ ୨୦୧୮ରେ ଇଂଲଣ୍ଡ ବିପକ୍ଷରେ ଥିଲା। ଜାତୀୟ ଦଳ ପାଇଁ ତାଙ୍କର ଟି-୨୦ (୨୦) କ୍ୟାରିୟର ଅପେକ୍ଷାକୃତ ଛୋଟ ଥିଲା। ୨୦୧୬ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସେ ଶେଷ ଥର ପାଇଁ ଏହି କ୍ରିକେଟ୍ ଫର୍ମାଟ୍‌ରେ ଭାରତୀୟ ଜର୍ସି ପିନ୍ଧିଥିଲେ।

ଟି-୨୦ କ୍ରିକେଟ୍ କଥା ବିଚାର କଲେ, ରାହାଣେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ରେ ଖେଳିବା ଜାରି ରଖିଥିଲେ। ଗତ କିଛି ସିଜନ୍‌ରେ ସେ କୋଲକାତା ନାଇଟ୍ ରାଇଡର୍ସ ଦଳର ଅଧିନାୟକ ଥିଲେ, ଯଦିଓ ସେ ଦଳକୁ ପ୍ଲେ-ଅଫ୍‌କୁ ନେବାରେ ସଫଳ ହୋଇପାରି ନଥିଲେ। ଏପରିକି ଘରୋଇ ରେଡ୍-ବଲ୍ (ଟେଷ୍ଟ) କ୍ରିକେଟ୍‌ରେ ସେ ମୁମ୍ବାଇ ଦଳ ପାଇଁ ଜଣେ ନିୟମିତ ଖେଳାଳି ଭାବେ ରହିଥିଲେ।

ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ସଭାପତି ଆଜିଙ୍କ୍ୟ ନାଏକ କହିଛନ୍ତି, ଆଜିଙ୍କ୍ୟ ରାହାଣେଙ୍କ ଅବସର ଭାରତୀୟ କ୍ରିକେଟର ଏକ ଚମତ୍କାର ଅଧ୍ୟାୟର ଅନ୍ତ ଘଟାଇଛି। ତାଙ୍କର ନିଷ୍ଠା, ଚାପ ସମୟରେ ଶାନ୍ତ ରହିବାର କ୍ଷମତା ଏବଂ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିବଦ୍ଧତା ତାଙ୍କୁ ମୁମ୍ବାଇ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ବ୍ରାଣ୍ଡ ଆମ୍ବାସାଡର ଭାବେ ଗଢ଼ିତୋଳିଛି। ତାଙ୍କର ଏହି ମହାନ ଯୋଗଦାନ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ।

# 'ଆପାର' ଆପ୍ ମାଧ୍ୟମରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକ୍ରମ ନେଇ ଓସେପା ଯୁଗ୍ମ ନିର୍ଦ୍ଦେଶକଙ୍କ ସମୀକ୍ଷା



ଛତ୍ରପୁର: ଓସେପାର ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ସାହୁ ଏବଂ ତାଙ୍କରି ଟିମ୍ ଦୁଇଦିନିଆ ଗଞ୍ଜାମ ଜିଲ୍ଲାକୁ ଗସ୍ତ କରି କେନ୍ଦ୍ର ସରକାରଙ୍କ 'ଆପାର' ଆପ୍ ମାଧ୍ୟମରେ ଜାତୀୟ ଶିକ୍ଷା ନୀତି ୨୦୨୦ରେ ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁଧାନ କରିବା ସହ ଏହାର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ସେ ପ୍ରଥମେ ବ୍ରହ୍ମପୁର ମହାନଗରନିଗମ, ରଙ୍ଗେଇଲୁଣ୍ଡା ବ୍ଲକ, କୁକୁଡାଖଣ୍ଡି, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର ଆଦି ବ୍ଲକ ଗୁଡିକର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟକୁ ଗସ୍ତ କରି ଜାତୀୟ ଶିକ୍ଷା ନୀତିର ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁଧାନ କରିଛନ୍ତି। ପରେ ଛତ୍ରପୁର ସ୍ଥିତ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପରୋକ୍ତ ବିଷୟକୁ ନେଇ ସମୀକ୍ଷା କରିଛନ୍ତି । କେନ୍ଦ୍ର ସରକାରଙ୍କ 'ଆପାର' ଆପ୍ ମାଧ୍ୟମରେ ଅର୍ଥାତ୍ ସ୍ୱୟଂଚାଳିତ ସ୍ଥାୟୀ ଏକାଡେମୀ ଆକାଉଂଟ ପଞ୍ଜୀକରଣ ହେଉଛି ଏକ ଅନ୍ୟନ୍ୟ ୧୨ ଡିଜିଟ୍ ଡିଜିଟାଲ୍ ଆଇଡେଟିଂଫିକେସନ୍ ଭାରତର ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ସଂଖ୍ୟା । ଏହା ସରକାରଙ୍କ ଏକ ରାଷ୍ଟ୍ର ଏକ ଛାତ୍ର ଆଇଡିର ଏକ ଅଂଶ । ଜାତୀୟ ଶିକ୍ଷା ନୀତି (୨୦୨୦)ଅଧୀନରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ମାଧ୍ୟମରେ ସମସ୍ତ ସରକାରୀ ଏବଂ ସରକାରୀପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟର ୫ ବର୍ଷରୁ ୧୫ ବର୍ଷ ବୟସ ତଥା ୧୫ ବର୍ଷରୁ ଅଧିକ ବୟସର ଛାତ୍ରଛାତ୍ରୀଙ୍କ ଆଧାର ବାୟମେଟ୍ରିକ ବାଧତାମୂଳକ ରହିଛି । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ତଥ୍ୟ ଏହି ଆପାର ଆପ୍ ମାଧ୍ୟମରେ ଗଛିତ ରହିବ। ସେହିପରି ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍ ମଧ୍ୟ ଆପାର ଡିଜି ଲକର୍‌ରେ ମଧ୍ୟ ରହିଯିବ । ସେହିପରି ପିଜିଆଇ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ବିଦ୍ୟାଳୟ ଶିକ୍ଷାର ସ୍ଥିତି ଉପରେ ବିଚାର ପ୍ରଦାନ କରେ ଯେଉଁଥିରେ ପ୍ରମୁଖ ଲିଭର ଅନ୍ତର୍ଭୁକ୍ତ ଯାହା ପ୍ରଦର୍ଶନ ଏବଂ ଉନ୍ନତିର ପ୍ରମୁଖ କ୍ଷେତ୍ରକୁ ଆଗକୁ ନେଇଥାଏ। ପିଜିଆଇ ରାଜ୍ୟ ଗୁଡିକୁ ବହୁମୁଖୀ ପଦକ୍ଷେପ ଗ୍ରହଣ କରିବା ଦିଗରେ ଆଗେଇ ନେଉଛି ଯାହା ଶିକ୍ଷଣ ଫଳାଫଳ ଏବଂ ଗୁଣବତା ନାମକ ୫ଟି ବର୍ଗ ଉପରେ ଆଧାରିତ ବହୁ-ଆକାଂକ୍ଷିତ ସର୍ବୋତମ ଶିକ୍ଷା ଫଳାଫଳ ଆଣିବ, ପ୍ରବେଶ, ଭତିଭୂମି ଏବଂ ସୁବିଧା ଯୋଗାଇଦେବ। ପିଜିଆଇ-ଜିଲ୍ଲାର ପରିକଳ୍ପନା ଏବଂ ବିକାଶ ପିଜିଆଇ ରାଜ୍ୟ ବିଜ୍ୟ ପରେ ୬ଟି ବର୍ଗରେ ଜିଲ୍ଲା ଗୁଡିକର ମୂଲ୍ୟାଙ୍କନ କରିବାର ଲକ୍ଷ୍ୟ ସହିତ କରାଯାଇଛି ଫଳାଫଳ । ପ୍ରଭାବଶାଳୀ ଶ୍ରେଣୀଗୃହ କାରବାର(ଇସିଟି), ଭିତିଭୂମି, ସୁବିଧା, ଛାତ୍ର ଅଧିକାରୀ(ଆଇଏଫ୍ ଏବଂ ଏସଇ), ସ୍କୁଲ ସୁରକ୍ଷା ଏବଂ ଶିଶୁ ସୁରକ୍ଷା, ଡିଜିଟାଲ ଶିକ୍ଷା ଏବଂ ଗଭର୍ଣ୍ଣାନ୍ସ ପ୍ରୋସେସ୍ ଯାହା ଆହୁରି ୧୨ ଡିଜିଟ୍‌ରେ ବିସ୍ତାର କରାଯାଇଛି । ସେହିପରି ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲକୁ ଆସୁଥିବା ସମସ୍ତ ଅନୁଦାନର ଖର୍ଚ୍ଚର ହିସାବ ଏଏସ୍ଏସ୍‌ଇଟି ଫଣ୍ଡ ମ୍ୟାନେଜମେଂଟ ୟୁସି ଆପଲୋଡ୍ ଏବଂ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଉପସ୍ଥାପନ ଅନଲାଇନ୍ ମାଧ୍ୟମରେ ଅପଲୋଡ୍ କରିବା ବିଷୟକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ବୈଠକରେ ରାଜ୍ୟ ପ୍ରୋଗ୍ରାମର ରଘୁରାଜ ରାଜଗୁରୁ ଓ ଶୁଭଲକ୍ଷ୍ମୀ ପାଣିଗ୍ରାହୀ ଏବଂ ବୈଷୟିକ ପ୍ରତିନିଧି ଦଳ, ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍.ଧନଞ୍ଜୟ, ସମଗ୍ର ଶିକ୍ଷା ଜିଲ୍ଲା ପ୍ରୋଗ୍ରାମର ପ୍ରଦୀପ କୁମାର ଖଟେଇ, ପ୍ରୋଗ୍ରାମର କୁମୁଦ ପଣ୍ଡା, ସମସ୍ତ ବିଇଓ, କନିଷ୍ଠ ବୈଷୟିକ ପରାମର୍ଶଦାତା, ବିଭିନ୍ନ ବ୍ଲକର ପ୍ରୋଗ୍ରାମରମାନେ ଅଂଶ ଗ୍ରହଣ କରିଥିଲେ ।

## କନ୍ଧମାଳରେ ହାତୀ ଭୟ

# ହାତୀ ଆକ୍ରମଣରେ ଚାଲିଗଲା ଆଉ ଏକ ଜୀବନ

ଟିକାବାଲି: କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକର ବଡ଼ିମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗାଏଜୁ ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ପ୍ରଦୀପ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ଘଟଣା ସ୍ଥଳରେ ଜି ଉଦୟଗିରି ବନବିଭାଗ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ ଏବଂ ଟିକାବାଲି ପୋଲିସ ପହଂଚି ଶବକୁ ଜବତ କରି କେସ ନଂ ୧୧/୨୬ ଏକ ମାମଲା ରୁଜୁ କରି ଶବବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀକୁ ପଠେଇ ଥିବା ଟିକାବାଲି ଥାନା ଅଧିକାରୀ ଶିବରଞ୍ଜନ ସିଂଗା



ସୂଚନା ଦେଇଛନ୍ତି। ଗତ କାଲି ରାତି ପ୍ରାୟ ୮ ଘଂଟିକା ରେ ପ୍ରଦୀପ ସବୁଦିନ ପରି ନିଜର ପେଟାମାହା ବଗିଚାରୁ ନିଜ ଘରୁକୁ ଯାଉଥିବା ବେଳେ ହଠାତ ପ୍ରଦୀପ ସହିତ ଦୁହିଁଙ୍କ ମଧ୍ୟରେ ମୁହାଁ ମୁହିଁ ହୋଇଥିଲା। ପ୍ରଦୀପ ଜୀବନ ବଞ୍ଚାଇବା ପାଇଁ ଆଉ ଅନ୍ୟ କୌଣସି ଉପାୟ ନ ଥିଲା। ଫଳରେ ଅକାଳରେ ଜୀବନର ଅନ୍ତ ଘଟିଥିଲା । ଯାହା ବର୍ତ୍ତମାନ ଅଞ୍ଚଳ ପାଇଁ ଏକ ଆହ୍ୱାନ ସୃଷ୍ଟି କରୁଛି । ଲୋକେ ଗାଁ ଛାଡ଼ି ଜଙ୍ଗଲରେ ଗାଈ, ଗୋରୁ, ଛେଳି, ମେଣ୍ଢା ଏବଂ ନିଜର ଜୀବନ ଜୀବିକା କିପରି ସାଧନ କରିବେ ସେ ନେଇ ସାଧାରଣ ମହଲରେ ପ୍ରଶ୍ନ ବାଚୀ ସୃଷ୍ଟି କରୁଛି । ଅଞ୍ଚଳରେ ଦୀର୍ଘ ଦିନ ଧରି ଏହି ଦନ୍ତା ନିଜର ଭାରି ପଣିଆ ଦେଖେଇ ଅନେକଙ୍କ ଜୀବନ ନେଇଥିବା ବେଳେ ଅନେକଙ୍କ ଫସଲ ଘର ଦ୍ୱାର ଭାଙ୍ଗି ନଷ୍ଟ କରିବାରେ ଲାଗିଛି । କିନ୍ତୁ ଜିଲ୍ଲା ବନଖଣ୍ଡ ଅଧିକାରୀ ଏବଂ ବନ ବିଭାଗର ସମସ୍ତ ପଦାଧିକାରି ମାନେ ନୀରବ ରହି କେବଳ ଅନୁଧ୍ୟାନ କରୁଛନ୍ତି। ଲୋକଙ୍କୁ ଡାକବାଜି ମାଧ୍ୟମରେ ସଚେତନ କରନ୍ତି, ନା ହାତୀର ଗତିବିଧିକୁ ନିରୀକ୍ଷଣ କରି ସଚେତନତା ବାର୍ତ୍ତା ପ୍ରଦାନ କରୁଛନ୍ତି । ଯାହା କି ଅନେକ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଗଣସଂଗଠନ ମହଲରେ ବନ ବିଭାଗଙ୍କ ଦାୟିତ୍ୱ ଏବଂକର୍ତ୍ତବ୍ୟ ଉପରେ ଆସ୍ଥା ତୁଟିଯାଇଛି। ଏଣୁ ସାଧାରଣରେ ଦାବି ଉଠୁଛି ଯେ ଜିଲ୍ଲା ମୁଖ୍ୟବନଖଣ୍ଡ ଅଧିକାରୀଙ୍କୁ ଅନ୍ୟତ୍ର ବଦଳୀ କରି ଏକ ଉପଯୁକ୍ତ ବନ ଅଧିକାରୀଙ୍କୁ ଜିଲ୍ଲାରେ ନିଯୁକ୍ତି ଦେଲେ ଅଞ୍ଚଳରେ ଶାନ୍ତି ଫେରି ଆସିବ ବୋଲି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ଅଞ୍ଚଳବାସୀ।

# ସ୍ୱଶକ୍ତି ଜାଗରଣ ସେବା ଟ୍ରଷ୍ଟର ନିଆରା ପଦକ୍ଷେପ: ଗୁରୁପୂର୍ଣ୍ଣିମା ସହ ମାଗଣା ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର: ସ୍ୱଶକ୍ତି ଜାଗରଣ ସେବା ଟ୍ରଷ୍ଟ ପକ୍ଷରୁ ବ୍ରହ୍ମପୁରର ପାଣିଗ୍ରାହୀ ପେଣ୍ଠ ସାହିସ୍ଥିତ ଶ୍ରୀଶ୍ରୀଶ୍ରୀ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଦୁଇଦିନିଆ ଗୁରୁପୂର୍ଣ୍ଣିମା ମହୋତ୍ସବ ଓ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ମହୋତ୍ସବରେ ଯୋଗଦେଇଥିଲେ।

ଟ୍ରଷ୍ଟର ପ୍ରତିଷ୍ଠାତା ପୂଜ୍ୟ ସଦ୍‌ଗୁରୁଦେବ ଶ୍ରୀଶ୍ରୀ କୃଷ୍ଣ ଭାଇୟାଜୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ଆୟୁଷ୍ମାନ ମେଡିକୋ-୩୬୦ର ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ଏନ୍. ସନ୍ତୋଷ କୁମାର, ଡା. ଏସ୍. ସାହିତ୍ୟା (ଦନ୍ତ ବିଶେଷଜ୍ଞ), ଡା. ପ୍ରଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ଚିକିତ୍ସକ ଡା. ନଳିନୀକାନ୍ତ ପାଢ଼ୀ ଏବଂ ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ଆଦିତ୍ୟ ନାରାୟଣ ଦାସ ରୋଗୀମାନଙ୍କୁ ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରିଥିଲେ।

ଶଙ୍କର ଆଇ ହସ୍ପିଟାଲର ବିଶେଷଜ୍ଞ ଦଳ ଚକ୍ଷୁ ପରୀକ୍ଷା କରି ମୋତିଆବିନ୍ଦୁ ରୋଗୀମାନଙ୍କୁ ଚିହ୍ନଟ କରିଥିଲେ। ସେମାନଙ୍କୁ ଅସ୍ତ୍ରୋପଚାର ପାଇଁ ହସ୍ପିଟାଲର ସମରଝୋଳ କେନ୍ଦ୍ରକୁ ପଠାଯାଇଥିଲା। ଏହା ସହ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ରୋଗର ପରୀକ୍ଷା କରାଯିବା ସହ ହିତାଧିକାରୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।ହ୍ମ ଦ୍ୱିତୀୟ ଦିନ ଗୁରୁପୂଜା, ଗୁରୁଦୀକ୍ଷା ଓ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃନ୍ଦାବନ ଧାମର ମହାମଣ୍ଡଳେଶ୍ୱର ଶ୍ରୀ ଲଳିତ ମହାରାଜ ଏବଂ ପୂଜ୍ୟ ସଦ୍‌ଗୁରୁଦେବ ଶ୍ରୀଶ୍ରୀ କୃଷ୍ଣ ଭାଇୟାଜୀ ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱ ଓ ବ୍ୟକ୍ତିତ୍ୱ ବିକାଶରେ ଆଧ୍ୟାତ୍ମିକ ମାର୍ଗଦର୍ଶନର ଆବଶ୍ୟକତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।ହ୍ମ ଟ୍ରଷ୍ଟର ସାମାଜିକ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ପୂଜ୍ୟ ସଦ୍‌ଗୁରୁଦେବ ଧାନମେରା ସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ୟୁନିଫର୍ମ ବଣ୍ଟନ କରିଥିଲେ।

କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ କୁମାର ମହାନ୍ତି, ସମୀର କୁମାର ମହାନ୍ତି, ବିଦ୍ୟାଧର ଗୌଡ଼, ଅନିଲ କୁମାର ଚୌଧୁରୀ, କାମରାଜୁ ଦାସ, ବଳରାମ ଜେନା, ଚନ୍ଦନ ସାହୁ, ଦୀପକ ପାଣିଗ୍ରାହୀ, ଗଣେଶ ପ୍ରଧାନ, ତପନ ସାହୁ, ସଙ୍ଗୀତା ମହାନ୍ତି, ଗୀତା ମହାନ୍ତି, ଅଞ୍ଜୁ ମହାନ୍ତି, ସର୍ମିଳା ସେଠୀ, ସୁନୀତା ଜେନା ଓ ପୁଷ୍ପାଞ୍ଜଳି ପ୍ରଧାନଙ୍କ ସମେତ ଟ୍ରଷ୍ଟର ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।ହ୍ମ ଶେଷରେ ଆମନ୍ତ୍ରିତ କଳାକାରମାନଙ୍କ ଦ୍ୱାରା ଭଜନ ଓ କୀର୍ତ୍ତନ ପରିବେଷଣ କରାଯାଇଥିଲା। ପରେ ହଜାର ହଜାର ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା।

# ମାନବ ଚାଲାଣର ମୁକାବିଲା, ମହିଳା ଓ ଶିଶୁ ସୁରକ୍ଷା ଏବଂ ଶୋଷଣ ପ୍ରତିରୋଧ କ୍ଷେତ୍ରକୁ ସୁଦୃଢ଼ ପାଇଁ ଆହ୍ୱାନ



ବ୍ରହ୍ମପୁର, : ଆଇଏସ୍ଆର୍‌ଡି, ସଖୀ ୱାନ ଷ୍ଟପ ସେଣ୍ଟର ଗଞ୍ଜାମ ପକ୍ଷରୁ ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ ପାଳିତ ହୋଇଯାଇଛି । ବ୍ରହ୍ମପୁର ରେଳ ଷ୍ଟେସନରେ କାର୍ଯ୍ୟରତ ଶତାଧିକ କର୍ମଚାରୀ, ଭେଣ୍ଡର, କୁଲି, ସଫେଇ କର୍ମଚାରୀ, ହକ୍‌ର ଷ୍ଟାଫ, ଅଟୋ ଚାଳକଙ୍କ ସହ ରେଳ ସୁରକ୍ଷା ବଳ ଓ ସରକାରୀ ରେଳ ପୁଲିସଙ୍କ ସହଯୋଗରେ ଏକ ବୃହତ ମାନବ ଶୃଙ୍ଖଳା କାର୍ଯ୍ୟକ୍ରମ, ପଥପ୍ରାନ୍ତ ପଦଯାତ୍ରା ଓ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ମହାନଗର ନିଗମ କମିଶନର ଏ.ସସ୍ୟା ରେଡ୍ଡୀ ଯୋଗଦେଇ ମାନବ ଚାଲାଣକୁ ପ୍ରତିରୋଧ କରିବା ସହ ମହିଳା, କିଶୋର ଓ କିଶୋରୀ ବୟସର ଶିଶୁ ମାନଙ୍କ ଉପରେ ହେଉଥିବା ହିଂସାକୁ ରୋକିବା ଓ ଦୃଢ ପ୍ରତିବାଦ କରିବାକୁ ଅନୁରୋଧ କରିଥିଲେ । ଗ୍ରାମ୍ୟ ସ୍ତରରୁ ସଚେତନତା ସୃଷ୍ଟି କରିବା ଓ ଏହାର ସମ୍ଭାବ୍ୟ ପୀଡିତାଙ୍କୁ ଚିହ୍ନଟ କରି ସେମାନଙ୍କ ସୁରକ୍ଷା ଦେବା ସହ ମାନବ ଚାଲାଣର ମୁକାବିଲା, ମହିଳା ଓ ଶିଶୁ ସୁରକ୍ଷା ଏବଂ ଶୋଷଣ ପ୍ରତିରୋଧ କ୍ଷେତ୍ରକୁ ସୁଦୃଢ଼ କରିବାରେ ଆଇନ ପ୍ରଣୟନକାରୀ ସଂସ୍ଥାର ଭୂମିକା ଓ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କ ସହ ମାନବ ଚାଲାଣର ବାସ୍ତବତା, ଏହାର ବିଭିନ୍ନ ରୂପ ଏବଂ ବ୍ୟକ୍ତି ସମ୍ପ୍ରଦାୟ ଉପରେ ଏହାର ବିନାଶକାରୀ ପ୍ରଭାବ ବିଷୟରେ ଜନସାଧାରଣଙ୍କୁ ସୂଚନା ଦେବା ସହ ପୀଡିତାଙ୍କୁ ସୁରକ୍ଷା ଦେବା ତଥା ନ୍ୟାୟ, ଚିକିତ୍ସା ସେବା ଏବଂ ମାନସିକ ସମର୍ଥନ ପାଇବା ସମେତ ଚାଲାଣ ପୀଡିତାଙ୍କ ସୁରକ୍ଷା ଏବଂ ସମର୍ଥନ ସୁନିଶ୍ଚିତ କରିବା ଓ ମାନବ ଚାଲାଣ ରୋକିବା ତଥା ସୁରକ୍ଷାକୁ ସୁଦୃଢ଼ କରିବା, ଆଇନ ପ୍ରବର୍ତ୍ତନ ପ୍ରୟାସକୁ ବୃଦ୍ଧି କରିବା ଏବଂ ମାନବ ଚାଲାଣର ମୂଳ କାରଣଗୁଡ଼ିକୁ ଖୋଜି ସମାଧାନ କରିବା ଭଳି ପ୍ରତିରୋଧକ ପଦକ୍ଷେପ ଉପରେ ଧ୍ୟାନ ଦେବା ଆବଶ୍ୟକତା ବୋଲି ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଦେୱାନୀ ଅଦାଲତ ଓକିଲ ସଂଘ ସଭାପତି ସୀତାଂଶୁ କୁମାର ପଣ୍ଡା, ମହାନଗର ନିଗମର ଉପ ଆଯୁକ୍ତ କଲ୍ୟାଣୀ ସଙ୍ଘମିତ୍ରା ଦେବୀ, ରେଳ ଷ୍ଟେସନ ପରିଚାଳକ ଦୂର୍ଗାପ୍ରସାଦ ବ୍ରହ୍ମା, ରେଳ ସୁରକ୍ଷା ବଳ ଅଧିକାରୀ ବିବେକ କୁମାର, ଆଇସି ସିଟିଇ ଇପିଲି ଶ୍ରୀନିବାସ ରାଓ, ମୁଖ୍ୟ ସ୍ୱାସ୍ଥ୍ୟ ନିରିକ୍ଷକ ସିଏଚ୍.ବିଷ୍ଣୁ, ସରକାରୀ ରେଳ ପୁଲିସ ଗୋପୀନାଥ କୋଲକା, କୈଳାଶ ଚନ୍ଦ୍ର ବେହେରା, ସ୍ଥାନୀୟ କର୍ପୋରେଟର ପାର୍ବତୀ ପ୍ରଧାନ, ମହିଳା ସଶକ୍ତି ଜିଲ୍ଲା ସଂଯୋଜିକା ଗୀତାଞ୍ଜଳି ମହାରଣା, ସମୀର ସମ୍ବଳ, ବବିତା ମହାରଣା, ବାପୁଜୀ କନ୍ୟାରୀ, ପିସିଆଇ ଜିଲ୍ଲା ସଂଯୋଜକ ମନୋରମା ମଲ୍ଲିକ, ସାମନ୍ତରାୟ ଏକାଡେମୀ ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ, ପ୍ରଶାନ୍ତ କୁମାର ନାୟକ, ଗାୟତ୍ରୀ ଶକ୍ତି ପୀଠ ପ୍ରମୁଖ ପ୍ରଫୁଲ୍ଲ ଚନ୍ଦ୍ର ଦାଶ, କ୍ରାନ୍ତି ନିର୍ଦ୍ଦେଶକ ଡକ୍ଟର ଦେବାନନ୍ଦ ଦାସ, କୁଲି ସଂଘ ସଭାପତି ଶଙ୍କର ପାତ୍ର, ଅଟୋ ସଂଘ ସଦସ୍ୟ ସିମାଞ୍ଚଳ ସାହୁ ଯୋଗଦେଇ ଉଦବୋଧନ ଦେଇଥିଲେ । ରେଳ ଷ୍ଟେସନ ଅଞ୍ଚଳର ସମସ୍ତ ଅଂଶୀଦାର ବ୍ୟକ୍ତିତ୍ୱ ମାନେ ନିଜେ ସତର୍କ ରହିବା, ସୁରକ୍ଷିତ ସମାଜ ଗଠନ କରିବା ସହ ଠକେଇ ଜାଲରେ ନ ଫସି ଏକାଠି ହୋଇ ମାନବ ଚାଲାଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ଆଇଏସ୍ଆର୍‌ଡିର ନିର୍ଦ୍ଦେଶକ ସୁଧୀର ସାବତ ସଭାପତିତ୍ୱ କରିଥିବା ବେଳେ ୱାନ ଷ୍ଟପ କେନ୍ଦ୍ରର କେନ୍ଦ୍ର ପ୍ରଶାସିକା ମହେଶ୍ୱତା ପାଢୀ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ସ୍ନେହମୟୀ ପାଢୀ, ଆସ୍କିଲା ରାଇକା, ମଧୁସ୍ମିତା ମଲ୍ଲିକ, ବଜରଙ୍ଗୀ ନାୟକ, ସାରଧି ଭାର୍ଗବୀ, ପ୍ରଭାତ କୁମାର ପାଢୀ, ବଳରାମ ମଲ୍ଲିକ, ଇ.ସୁନିତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେସରେ ଆଇଏସ୍ଆର୍‌ଡି, ସଖୀ ୱାନ ଷ୍ଟପ ସେଣ୍ଟରର ଗୋପାଳକୃଷ୍ଣ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ସ୍ଥାନରେ ଗୁରୁପୂର୍ଣ୍ଣିମା ପାଳିତ

## ଲାଞ୍ଜିପଲ୍ଲୀ ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର



ବ୍ରହ୍ମପୁର: ଲାଞ୍ଜିପଲ୍ଲୀସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । କେନ୍ଦ୍ରର ପ୍ରତିଷ୍ଠାତା ବ୍ୟାୟାମ ଗୁରୁ ଦିବଂଗତ ଲକ୍ଷ୍ମୀକାନ୍ତ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ କେନ୍ଦ୍ରର ଯୋଗ ଗୁରୁ ବିଭୂତି ଭୂଷଣ ବେହେରା, ବ୍ୟାୟାମ ଗୁରୁ ଶିବରାମ ପାଣିଗ୍ରାହି ଏବଂ ହସ ଗୁରୁ ସୁଜନ ଶୁକ୍ଳଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ସଭାପତି ବିଶ୍ୱନାଥ ପାଢ଼ି, ଉପଦେଷ୍ଟା ପ୍ରଫେସର ଭାସ୍କର ପାଢ଼ୀ ଓ କେ.କ୍ରୀଷ୍ଣା ରାଓ, ସମ୍ପାଦକ ଶାନ୍ତନୁ କୁମାର ମିଶ୍ର, ଉପସଭାପତି ପ୍ରଫେସର ଅରୁଣ କୁମାର ପଣ୍ଡା, ସହ ସମ୍ପାଦକ ପ୍ରଫେସର ସୁଦର୍ଶନ ଦାସ ମଞ୍ଚ ପରିଚାଳନା କରିଥିଲେ । ସଭାପତି ପାଢ଼ି, ଉପଦେଷ୍ଟା ପ୍ରଫେସର ପାଢ଼ୀ, ମଂଚର ସଦସ୍ୟ ପଦ୍ମ ଚରଣ ଦାସ, କୁମୁଦ ଚନ୍ଦ୍ର ବେହେରା ପ୍ରମୁଖ ଗୁରୁ ପୂର୍ଣ୍ଣମୀର ମହତ୍ୱ ଓ ପରମ୍ପରା ଉପରେ ବକ୍ତବ୍ୟ ଦେଇଥିଲେ । ପରିଶେଷରେ ଉପସଭାପତି ପ୍ରଫେସର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଉତ୍ସବରେ ରମେଶ ଚନ୍ଦ୍ର ମହାନ୍ତି, କଂଗ୍ରେସ ସାହୁ, ଦୟାନିଧି ପ୍ରଧାନ, ଅଭିମନ୍ୟୁ ମହାରଣା, ଜଗନ୍ନାଥ ଦାସ, ସନ୍ତୋଷ ସାହୁ, ଦେବେନ୍ଦ୍ର କୁମାର ଆଚାର୍ଯ୍ୟ, ପ୍ରଫେସର ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଶ୍ୟାମ ମୋହନ ପଟ୍ଟନାୟକ, ଚିତ୍ତ ରଂଜନ ସାହୁ, ହରିବଂଧୁ ବେହେରା, ଏ.ମାଧବ ରାଓ, ଉମା ଚରଣ ଦାସଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।

Printed and Published & Owned by : Saroj Ranjan Patnaik, R. C. Das Lane, Berhampur-760004 & Printed at -M/S. Vijaya Printers, II/5 Industrial Estate, Berhampur-760008 (Ganjam)
POST BOX .-15, G .P. O, Berhampur-760001 (Odisha) : ନିର୍ବାହୀ ସମ୍ପାଦକ – ଡ. ହରିଶ ଚନ୍ଦ୍ର ବେହେରା ମୁଖ୍ୟ ସମ୍ପାଦକ– ଶ୍ରେୟାନ୍ ପଟ୍ଟନାୟକ